


## ସଂକ୍ଷେପରେ

### ହରିପ୍ରସାଦ ସାହୁଙ୍କ ବହିଷ୍କାର ପ୍ରତ୍ୟାହୃତ

**ଭୁବନେଶ୍ୱର, ୧୮।୪(ବ୍ୟୁରୋ):** ବିଜେଡି ସଭାପତି ନବୀନ ପଟ୍ଟନାୟକ ଗୁରୁବାର ଗଞ୍ଜାମ ଜିଲା ହରିପ୍ରସାଦ ସାହୁଙ୍କ ଉପରୁ ବହିଷ୍କାର ଆଦେଶ ପ୍ରତ୍ୟାହାର କରିନେଇଛନ୍ତି। ଏହାସହ ହରପ୍ରସାଦଙ୍କୁ ବେଗୁନିଆ ନିର୍ବାଚନମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦେଇଛନ୍ତି। ସେହିପରି ପୂର୍ବ ନିର୍ଦ୍ଦେଶନାମାକୁ ବାଦ୍ ଦେଇ ବିଜୁ ମହିଳା ଜନତା ଦଳ ସମ୍ପାଦିକା ଏଲିନା ଦାସଙ୍କୁ ଜଟଣୀ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସହ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ଦେଇଛନ୍ତି। ସେହିପରି କଟକ ଜିଲା କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ସିଂହଙ୍କୁ ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସହ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦେଇଛନ୍ତି। ଦଳର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ନାୟକ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି।

### ଯୁବକଙ୍କୁ ନିସ୍ତୁକ ମାଡ଼ମାରି ଅଭିଯୁକ୍ତ ଫେରାର୍

**ଗୋପାଳପୁର, ୧୮।୪(ଡି.ଏନ୍.ଏ.):** ଗୋଳନ୍ଥରା ଥାନା ଅଞ୍ଚଳର ଜଣେ ଜନ ପ୍ରତିନିଧି ଓ ତାଙ୍କ ସହଯୋଗୀ ମିଶି ସୁନାପୁର ଗ୍ରାମର ଚନ୍ଦ୍ରଶେଖର ବେହେରାଙ୍କୁ ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ. ୧୧୬/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବୁଧବାର ଅପରାହ୍ନରେ ଚନ୍ଦ୍ରଶେଖର ନିଜ ଦୋକାନରେ ବସିଥିବା ବେଳେ ସହଯୋଗୀଙ୍କ ସହ ଆସି ଜନପ୍ରତିନିଧି ଜଣକ ଆସି ଗାଳିଗୁଲଜ କରି ମାଡ଼ ମାରିଥିଲେ। ଏପରିକି ତାଙ୍କ ଦୋକାନରେ ଥିବା ସାମଗ୍ରୀ ବାହାରକୁ ଫିଙ୍ଗି ଦେଇଥିଲେ। ପରେ ସେମାନେ ଚନ୍ଦ୍ରଶେଖର ପିନ୍ଧିଥିବା ସୁନା ଚେନ୍ ଓ ଦୋକାନରେ ଥିବା ୮ ହଜାର ଟଙ୍କା ଲୁଟି ନେଇ ଫେରାର୍ ହୋଇଯାଇଥିଲେ। ପରିବାର ଲୋକେ ଆହତ ଚନ୍ଦ୍ରଶେଖରଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରି ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ।

### ଗଣ୍ଡିବେଡରେ ଭାଜପା, ଧୋବାଗଡିଆରେ କଂଗ୍ରେସର କର୍ମୀ ସମ୍ମିଳନୀ

**ଖଇରା, ୧୮।୪(ଡି.ଏନ.ଏ.):** ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ଗଣ୍ଡିବେଡଠାରେ ଭାଜପାର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମା' ବେକେଟେଇଙ୍କ ପ୍ରାଙ୍ଗଣରେ ବିଶ୍ୱଭୂଷଣ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପଦ୍ମଲୋଚନ ପଣ୍ଡା, ମୁଖ୍ୟବକ୍ତା ଭାବେ କୈଳାସଚନ୍ଦ୍ର ମାଝି ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ସମାଜସେବୀ ସନ୍ତୋଷ ଶତପଥି, ଯୁବନେତା ବେଣୁମାଧବ ପଣ୍ଡା, ମହିଳାମୋର୍ଚ୍ଚା ସଭାପତି ଶୁକସେନୀ ମହାନ୍ତି, କୃଷକ ମୋର୍ଚ୍ଚା ସଭାପତି ଚନ୍ଦ୍ରମଣୀ ନାୟକ, ଯଯାତି ଦାସ, ସନ୍ତୋଷ ଶତପଥି, ଅନୀଲ ବେହେରା, ଅମିତାଭ ପୃଷ୍ଟି, ରାମଚନ୍ଦ୍ର ପତି, ବାସୁଦେବ ପୁଥାଳ, ଗଜେନ୍ଦ୍ର ରାଉଳ ଉପସ୍ଥିତ ଥିଲେ। ଆଗାମୀ ନିର୍ବାଚନରେ ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଓ ବିଧାୟକ ପ୍ରାର୍ଥୀ ପଦ୍ମଲୋଚନ ପଣ୍ଡାଙ୍କୁ ଜିତାଇବାକୁ କର୍ମୀମାନଙ୍କୁ ଅନୁରୋଧ କରିଥିଲେ। ସେହିପରି ଧୋବାଗଡିଆଠାରେ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ସିମୁଳିଆ ବିଧାୟକ ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀ, ଶରତ ଦାସ, କାର୍ତ୍ତିକ ପାତ୍ର, ରାଜେନ୍ଦ୍ର ଜେନା ଓ ଉପେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇ ବିଭିନ୍ନ ପ୍ରତିଶ୍ରୁତି ଦେଇଥିଲେ।

■ ଇଭିଏମ୍‌ରେ ସିଲ୍ ହେଲା ପ୍ରାର୍ଥୀଙ୍କ ଭାଗ୍ୟ

# କନ୍ଧମାଳରେ ୫୭.୪ ପ୍ରତିଶତ ମତଦାନ

■ ଗଛ ପକାଇ ମାଓବାଦୀଙ୍କ ରାସ୍ତା ଅବରୋଧ
■ ପୋଲିଂ ପାର୍ଟି ଫେରିବାକୁ ନେଇ ପ୍ରଶାସନର ଚିନ୍ତା

**ଫୁଲବାଣୀ ଅଫିସ, ୧୮।୪**

କନ୍ଧମାଳ ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ ଲୋକ ସଭା ଅଧୀନ ୭ ବିଧାନସଭା ନିର୍ବାଚନମଣ୍ଡଳୀରେ ସନ୍ଧ୍ୟା ୫ଟା ସୁଦ୍ଧା ମତଦାନ ହାର ୫୭.୪ ରହିଛି। ଫୁଲବାଣୀ ବିଧାନସଭାରେ ୫୯%, ବାଲିଗୁଡା ବିଧାନସଭାରେ ୫୩.୨, ଜି.ଉଦୟଗିରି ବିଧାନସଭାରେ ୬୩%, କଣ୍ଟାମାଳ ବିଧାନସଭାରେ ୬୭%, ବୌଦ୍ଧ ବିଧାନସଭାରେ ୬୫%, ଦଶପଲ୍ଲା ବିଧାନସଭାରେ ୪୬%, ଭଞ୍ଜନଗର ବିଧାନସଭାରେ ୫୮% ମତଦାନ ହୋଇଛି। ପ୍ରବଳ ଖରାହେତୁ ଅପରାହ୍ନରେ ଭୋଟରଙ୍କ ଗହଳି ବୁଥ୍‌ରେ ଦେଖିବାକୁ ମିଳିଥିଲା । କେତେକ ସ୍ଥାନରେ ସନ୍ଧ୍ୟା ସାଢ଼େ ୬ଟାରୁ ଊର୍ଦ୍ଧ୍ୱ ସମୟ ଧରି ଭୋଟିଂ ହୋଇଛି । ଫୁଲବାଣୀ ବିଧାନସଭା ନିର୍ବାଚନମଣ୍ଡଳୀ ଫିରିଙ୍ଗିଆ ବ୍ଲକରେ ନିର୍ବାଚନକୁ ନେଇ ପ୍ରଶାସନ ଅଡୁଆର ପଡିଛି। କୋଏରମାଣ୍ଡୁ-ବାରାହାଲା ରାସ୍ତା ସରୁପାଜୁ ପାଖରେ ମାଓବାଦୀମାନେ ଗଛ ପକାଇ ଥିବାରୁ ପୋଲିଂ ପାଟି ଅଟକି ରହିଛନ୍ତି । ପୋଲିସ ନ ପହଞ୍ଚିବା ପର୍ଯ୍ୟନ୍ତ ସେଠାରେ ଅଟକି ରହିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। ରାତି ହୋଇଯାଇଥିବାରୁ ଇଭିଏମ୍ ସହ ପୋଲିଂ ପାଟି ଫେରାଇ ଆଣିବା ଏକ ପ୍ରକାର ଅସମ୍ଭବ ହୋଇପଡିଛି। ସେହିପରି ବୁଧବାର ସୁମରବନ୍ଧ ପଞ୍ଚାୟତରେ ମାଓବାଦୀ ପୋଲିଂ ପାଟି ଗାଡି ପୋଡି ଦେଇଥିଲେ। ହେଲେ ଗୁରୁବାର ସେଠାରେ ନିର୍ବାଚନ କାର୍ଯ୍ୟ ସୁରୁଖୁରୁରେ ସରିଛି।

ବାଲିଗୁଡା ନିର୍ବାଚନମଣ୍ଡଳୀର ବାଟାଗୁଡା ପଞ୍ଚାୟତର ଗଙ୍ଗେରୀ, ଡୁକାମିଲା, ପଲସିମିଲା ଓ ଟଙ୍ଗମ ଗ୍ରାମର ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ ଭୋଟର ଭୋଟ ବର୍ଜନ କରିଛନ୍ତି । ସେମାନଙ୍କ ମୌଳିକ ସମସ୍ୟା ସମାଧାନ ହୋଇ ନ ଥିବାରୁ ଏହି ପଦକ୍ଷେପ ନେଇଛନ୍ତି । ସେହିପରି ଦାରିଙ୍ଗବାଡିରେ କେତେକ ବୁଥ୍‌ରେ ଇଭିଏମରେ ତ୍ରୁଟି ଦେଖା ଯିବାରୁ ଭୋଟ ଗ୍ରହଣ ବିଳମ୍ବ ହୋଇଥିଲା। ଫୁଲବାଣୀର ତୁଡିପାଜୁ ପଞ୍ଚାୟତ ଡକାଙ୍ଗି ଗ୍ରାମବାସୀ ସେମାନଙ୍କ କେତେକ ସମସ୍ୟା ନେଇ ସକାଳ ପ୍ରାୟ ୯ଟା ପର୍ଯ୍ୟନ୍ତ ଭୋଟ ବର୍ଜନ କରିଥିଲେ । ପ୍ରଶାସନ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବାରୁ ଗ୍ରାମବାସୀ ଭୋଟ ଦେଇଥିଲେ ।


କନ୍ଧମାଳ ଜିଲା ବାଲିଗୁଡା ବ୍ଲକ ଟଙ୍ଗମ ଗ୍ରାମରେ ଭୋଟ ବର୍ଜନ ପାଇଁ ଲୋକମାନେ ଏକାଠି ହୋଇଛନ୍ତି।

## ତାତି ବଢୁଛି, ଜନଜୀବନ ଅସ୍ତବ୍ୟସ୍ତ

**ଚିକିଟି,୧୮।୪(ଡି.ଏନ.ଏ.)**

ଗଞ୍ଜାମ ଜିଲା ଚିକିଟି ବ୍ଲକ୍ ୧୭ପଞ୍ଚାୟତର ବିଭିନ୍ନ ଗ୍ରାମାଞ୍ଚଳରେ ତାତି ବଢିବାରେ ଲାଗିଛି । ପ୍ରଚଣ୍ଡ ଖରା ସାଙ୍ଗକୁ ଅସହ୍ୟ ଗୁଳିଗୁଳି ଲୋକମାନଙ୍କୁ ଅସ୍ତବ୍ୟସ୍ତ କରି ପକାଉଛି । ପୂର୍ବାହ୍ନ ୯ ଘଣ୍ଟାରୁ ପାରଦ ବଢି ଯାଉଥିବା ବେଳେ ଲୋକେ ଘରୁ ବାହାରିବା କଷ୍ଟକର ହୋଇପଡୁଛି । ଜରୁରୀ କାମରେ ଲୋକମାନେ ବାହାରକୁ ଗଲାବେଳେ ଛତା ଓ ଗାମୁଛା ପାଣି ବୋତଲ ଧରି ଯାଉଥିବା ଦେଖିବାକୁ ମିଳୁଛି। ତଥାପି ତାତିରୁ ତ୍ରାହି ମିଳୁନି । ଗତ ଏକ ସପ୍ତାହ ହେଲା ତାପମାତ୍ରା ବଢି ରହୁଥିବାରୁ ପ୍ରଚଣ୍ଡ ଖରା ଓ ଗୁଳୁଗୁଳି ଅନୁଭୂତ ହେଉଛି। ଫଳରେ ପଶୁପକ୍ଷୀଙ୍କଠାରୁ ମନୁଷ୍ୟ ଯାଏ ସମସ୍ତେ ବର୍ଷାକୁ ଚାହିଁ ରହିଛନ୍ତି । ଅପରପକ୍ଷେ ଅତ୍ୟଧିକ ଗ୍ରୀଷ୍ମପ୍ରବାହ ଓ ଅଂଶୁଘାତକୁ ମୁକାବିଲା କରିବା ପାଇଁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରମୁଖ ବଜାର, ସ୍କୁଲ, କଲେଜ ଓ ଛକରେ ପ୍ରଶାସନ ପକ୍ଷରୁ ଜଳଛତ୍ର ଖୋଲିବା ପାଇଁ ନିର୍ଦ୍ଦେଶ ହୋଇଛି। ରାଜ୍ୟ ସରକାର ଏପ୍ରିଲ ୧ ତାରିଖରୁ ଜୁନମାସ ୧୫ ତାରିଖ ପର୍ଯ୍ୟନ୍ତ ପ୍ରତି ପଞ୍ଚାୟତ ଓ ଏନ୍‌ଏସିର ପ୍ରମୁଖ ସ୍ଥାନରେ ଜଳଛତ୍ର ଖୋଲିବା ପାଇଁ ଜିଲା ପ୍ରଶାସନ ବ୍ଲକ୍ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ଆବଶ୍ୟକ ଅନୁଦାନ ବ୍ୟବସ୍ଥା ହୋଇଛି । କିନ୍ତୁ ଚିକିଟି ବ୍ଲକ୍‌ରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ବ୍ଲକ୍ ତରଫରୁ ପ୍ରତ୍ୟେକ ସ୍ଥାନରେ ଜଳଛତ୍ର ଖୋଲା ଯାଉଥିବା ବେଳେ ଅଧିକାଂଶ ସ୍ଥାନରେ ପ୍ରଚାରପତ୍ର ଲଗାଇ ପାଣିର ବ୍ୟବସ୍ଥା ନ ଥିବା ଦେଖିବାକୁ ମିଳୁଛି । ଫଳରେ ପଥଚାରୀମାନେ ମଧ୍ୟାହ୍ନରେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ସମ୍ପର୍କରେ ଚିକିଟି ବିଡିଓ ଫାଲ୍‌ଗୁନୀ ମାଝିଙ୍କ ସହ ଯୋଗାଯୋଗ ବେଳେ ଏହାକୁ ଅସ୍ୱୀକାର କରିବା ସହ ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚମାନଙ୍କୁ ପ୍ରମୁଖ ସ୍ଥାନଗୁଡ଼ିକରେ ଜଳଛତ୍ର ଖୋଲିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି ।

## ଭାଜପାରେ ମିଶିଲେ ଅନ୍ୟ ଦଳର କର୍ମୀ

**ବାଲିଆପାଳ, ୧୮।୪(ଡି.ଏନ.ଏ.)**

ବାଲିଆପାଳ ଭାଜପାର ଏକ ମିଶ୍ରଣ ପର୍ବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବାଲିଆପାଳ ପଞ୍ଚାୟତ ଗୁନାପୁର ଗ୍ରାମର ଅଜୟ ଗିରିଙ୍କ ବାସଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୁଦବାନସିଂ ଗ୍ରାମର ରାଧାକୃଷ୍ଣ ପାତ୍ର, କମଳ ଲୋଚନ ପାତ୍ର, ଅଶୋକ ପାତ୍ର, ମନୋଜ ମାହାଳିକ, ବଳରାମ ପାତ୍ର, ସୁଜୟ ଜେନା, ଜୟନ୍ତ ଜେନା, ପଞ୍ଚାନନ ପାତ୍ର, ନିର୍ମଳ ପାତ୍ର, ଭରତ ପାତ୍ର, ଗୁନାପୁର ଗ୍ରାମର ଜତିନ୍ଦ୍ର ଜେନା, ପ୍ରାଣକୃଷ୍ଣ ଗିରିଙ୍କ ସମେତ ସେମାନଙ୍କର ଅନେକ ସମର୍ଥକ ଭାଜପାରେ ଯୋଗ ଦେଇଥିବା ଭାଜପା ନେତା ଅରବିନ୍ଦ ବେହେରା ସୂଚନା ଦେଇଛନ୍ତି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପାର ବିଧାୟକ ପ୍ରାର୍ଥୀ ରଘୁନାଥ ମହାନ୍ତି ଯୋଗ ଦେଇ ସମସ୍ତଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଭାଜପା ନେତା ଅରବିନ୍ଦ ବେହେରା, ସୁବଳ ଦାସ, ଶିବଶଙ୍କର ପ୍ରଧାନ, ମନୋଜ ସି, ସୁଧାଂଶୁ ଜେନା, ନିତ୍ୟାନନ୍ଦ ବାରିକ, ସୁଦାମ ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ସେଲ୍‌ଫି କର୍ଣ୍ଣର


ଶୁଭକାନ୍ତ


ନାରାୟଣ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ଏମ୍‌ଡିଭିଏସ୍ ସ୍କୁଲ ବାର୍ଷିକୋତ୍ସବ

**କାଶୀନଗର, ୧୮।୪(ଡି.ଏନ୍.ଏ.)**

କାଶୀନଗରସ୍ଥିତ ମାଧବ ଦୋରା ବିଦ୍ୟାସାଗର (ଏମ୍‌ଡିଭିଏସ୍) କନ୍‌ଭେଣ୍ଟ ସ୍କୁଲର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥିଭାବେ ବିଡିଓ ପ୍ରଣବ କୁମାର ବେହେରା ଓ ସମ୍ମାନିତ ଅତିଥିଭାବେ ବାରଣାସୀ ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରାଧାମୋହନ ସାହୁ ଉପସ୍ଥିତ ଥିଲେ। ପିଲାମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ଆର୍.ଚଲପତି ରାଓ ଏବଂ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୪ ଶିଶୁ ଶ୍ରମିକଙ୍କୁ ବିହାରରୁ ଉଦ୍ଧାର କରିବ ଶିଶୁ କଲ୍ୟାଣ ସମିତି

**ପାରଳାଖେମୁଣ୍ଡି, ୧୮।୪ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ପାରଳାଖେମୁଣ୍ଡିସ୍ଥିତ ଶିଶୁ କଲ୍ୟାଣ ସମିତି ପକ୍ଷରୁ ବିହାରରେ ଥିବା ୪ଜଣ ଶିଶୁ ଶ୍ରମିକଙ୍କୁ ଆଣିବା ପାଇଁ ବ୍ୟବସ୍ଥା ହେଉଥିବା ଶିଶୁକଲ୍ୟାଣ ସମିତି ପକ୍ଷରୁ କୁହାଯାଇଛି। ଏହି ଶିଶୁମାନେ ସେଠାରେ ନିର୍ଯାତିତ ହେଉଥିବା ଅଭିଯୋଗ ହୋଇଛି। ଖବରରୁ ଜଣାପଡିଛି ଗଜପତି ଜିଲା ରାୟଗଡ ବ୍ଲକ ଗଣ୍ଡାହାତୀ ଅଞ୍ଚଳର ଜଣେ ମଧ୍ୟସ୍ଥିଙ୍କ ଦ୍ୱାରା ପ୍ରଲୋଭିତ ହୋଇ ସେହି ଅଞ୍ଚଳର ୪ ଜଣ ନାବାଳକଙ୍କ ସମେତ ମୋଟ ୬ ଜଣ ବିହାର ଯାଇଥିଲେ। ବିହାରର ଗୟା ଜିଲା ଅନ୍ତର୍ଗତ ମାନପୁରଠାରେ ଥିବା ଏକ ଜୋତା କାରଖାନାରେ ସେମାନଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ସେଠାରେ କିଛି ଦିନ କାର୍ଯ୍ୟ କରିବା ପରେ ସେମାନଙ୍କୁ ନିର୍ଯାତନା ମିଳିଥିଲା। ସୁଯୋଗ ଦେଖି ସମ୍ପୃକ୍ତ ନାବାଳକମାନେ ଏହି ଖବର ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାରର ଅଭିଭାବକମାନେ ଏହା ଜାଣିବା ପରେ ସେମାନେ ପାରଳାଖେମୁଣ୍ଡିସ୍ଥିତ ଚାଇଲ୍ଡଲାଇନର ସହଯୋଗ ଲୋଡିଥିଲେ । ପାରଳାଖେମୁଣ୍ଡି ଚାଇଲ୍ଡଲାଇନ ପକ୍ଷରୁ ଏହି ସମସ୍ତ ତଥ୍ୟ ଜିଲା ଶିଶୁ କଲ୍ୟାଣ ସମିତିକୁ ଅବଗତ କରାଯାଇଥିଲା। ଶିଶୁ କଲ୍ୟାଣ ସମିତି ସମ୍ପୃକ୍ତ ୪ ନାବାଳକଙ୍କୁ ସେଠାରୁ ଉଦ୍ଧାର କରିବା ପାଇଁ ଗୟା ଜିଲା ଶିଶୁକଲ୍ୟାଣ ସମିତି ସହ ଯୋଗାଯୋଗ କରିଛି। ଖୁବ୍‌ଶୀଘ୍ର ନାବାଳକମାନଙ୍କୁ ଗଜପତି ଜିଲାକୁ ଫେରାଇ ଆଣିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ବିନୋଦ ଚନ୍ଦ୍ର ଜେନା କହିଛନ୍ତି ।

## ଶୋକାକୁଳ ପରିବେଶରେ ସଂଯୁକ୍ତାଙ୍କ ଶେଷକୃତ୍ୟ ସମ୍ପନ୍ନ

**ଫିରିଂଗିଆ, ୧୮।୪**

ମାଓବାଦୀଙ୍କ ଗୁଳିରେ ମୃତ୍ୟୁବରଣ କରିଥିବା ପୋଲିଂ ଚେକିଂ ପାର୍ଟିର ମେସେଞ୍ଜର ତଥା ଗ୍ରାମ ରୋଜଗାର ସେବକ(ଜିଆରଏସ) ସଂଯୁକ୍ତା ଦିଗାଲଙ୍କ ଶେଷ କୃତ୍ୟ ଗୁରୁବାର ଶୋକାକୁଳ ପରିବେଶରେ ସମ୍ପନ୍ନ ହୋଇଛି । ଶାଶୁଘର ଡିଣ୍ଡିରାଗାଁ ପଞ୍ଚାୟତ ଲଦାପଦର ଗ୍ରାମରେ ଖ୍ରୀଷ୍ଟିୟାନ ରୀତିନୀତି ଅନୁସାରେ ସମସ୍ତ କାର୍ଯ୍ୟ କରାଯାଇଥିଲା । ସଂଯୁକ୍ତାଙ୍କ ଅକାଳ ମୃତ୍ୟୁରେ ଖାଲି ବାପଘର ଶାଶୁଘର ନୁହେଁ ସମଗ୍ର ଗାଁରେ ଶୋକର ଛାୟା ଖେଳି ଯାଇଛି । ପ୍ରଶାସନ ପକ୍ଷରୁ ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଓ ଫିରିଙ୍ଗିଆ ବ୍ଲକ କର୍ମଚାରୀମାନେ ଆଦାୟ କରି ୨୦ ହଜାର ଟଙ୍କା ସଂଯୁକ୍ତାଙ୍କ ସ୍ୱାମୀ ଜିମେନ୍ଦ୍ର ଦିଗାଲଙ୍କୁ ପ୍ରଦାନ କରାଯାଇଛି । ମାଓବାଦୀ ପ୍ରଭାବିତ ଅଞ୍ଚଳକୁ ନିର୍ବାଚନ ଡ୍ୟୁଟିରେ ମୋ ସ୍ତ୍ରୀ ଯାଇଥିଲେ। ସେମାନଙ୍କୁ ସିକ୍ୟୁରିଟି ଦିଆଯାଇ ନ ଥିଲା। ସୁରକ୍ଷା ବଳ ସେମାନଙ୍କ ସହ ନ ଥିଲା। ଯାହା ଫଳରେ ମୋ ସ୍ତ୍ରୀ ମାଓବାଦୀଙ୍କ ଗୁଳିରେ ମରିଗଲା । ପରିବାରରେ ଜଣକୁ ସରକାରୀ ଚାକିରି ସହ ୫୦ ଲକ୍ଷ ଟଙ୍କାର ସହାୟତା ସରକାର ଦିଅନ୍ତୁ ବୋଲି ଜିମେନ୍ଦ୍ର ଦାବି କରିଛନ୍ତି।

ସୂଚନାଯୋଗ୍ୟ, ବୁଧବାର ପୋଲିଂ ଚେକିଂ ପାର୍ଟି ଏକ ଗାଡିରେ ଯାଉଥିଲେ । ଏଥିରେ ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍‌ଓ) ପ୍ରକାଶ ଦାସ, ମେସେଞ୍ଜର ତଥା ଲୁଇସିଂ ପଞ୍ଚାୟତ ଜିଆରଏସ୍ ସଂଯୁକ୍ତା ଏବଂ ଅନ୍ୟମାନେ ଥିଲେ । ବାଲନ୍ଦାପଡାରୁ ୧୦/୧୨ କି.ମି.ଦୂର ବାରାହାଲାରେ ଲ୍ୟାଣ୍ଡ ମାଇନ ବିସ୍ଫୋରଣ ହୋଇଥିଲା । ଗାଡି ଡ୍ରାଇଭର ସଂଗେ ସଂଗେ ଗାଡି ଅଟକାଇ ପଛକୁ ବୁଲାଇ ଫେରିବାକୁ ଚେଷ୍ଟା କଲା ବେଳେ ଏକ ଗୁଳି ଆସି ସଂଯୁକ୍ତାଙ୍କ ମୁଣ୍ଡରେ ବାଜିଥିଲା। ଘଟଣା ସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା ।


ସମାଧି ସ୍ଥଳ ।

## ସଂକ୍ଷେପରେ

### ବିକାଶଙ୍କୁ ମିଳିଲା ବଳାଙ୍ଗୀ ସମ୍ମାନ

**ବାଙ୍ଗିରିପୋଷି,୧୮।୪(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତ ସ୍ଥିତ ଅଂଳାଗୁଂଜା ସରସ୍ୱତୀ ଉଚ୍ଚ ବିଦ୍ୟାଳୟର କନିଷ୍ଠ କିରାଣି ବିକାଶ କୁମାର ପଣ୍ଡାଙ୍କୁ ବଳାଙ୍ଗୀ ସମ୍ମାନ ମିଳିଛି। ସେ ବାଙ୍ଗିରିପୋଷି ବ୍ଲକ ପାଇଁ ଓଷ୍ଟା ସମ୍ପାଦକ ଭାବେ ୫ ଥର ମନୋନୀତ ହୋଇ ଦୀର୍ଘ ୧୫ ବର୍ଷ ଧରି କାର୍ଯ୍ୟ କରି ଆସୁଛନ୍ତି। ଶିକ୍ଷା କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ଉନ୍ନତି ସାଧିତ ଲାଗି ପଦକ୍ଷେପ ନେଇ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସେ ପୂର୍ବରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ଜଣେ ଦକ୍ଷ ସଂଗଠକ ଭାବେ ଏଥର ତାଙ୍କୁ ବଳାଙ୍ଗୀ ମହୋତ୍ସବ ତଥା ମୟୂରଭଞ୍ଜ ବାଲିଯାତ୍ରା ତରଫରୁ ପ୍ରତିଭା ସମ୍ମାନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କ୍ଷୁଦ୍ରଜଳ ବିଭାଗର ନିର୍ବାହୀ ଯନ୍ତ୍ରୀ ମହେଶ କୁମାର ପଟ୍ଟନାୟକ ଏବଂ ସମ୍ମାନନୀୟ ଅତିଥିଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଶଶିଧର ବିଶ୍ୱାଳ ଏବଂ ଭାଗବତ ଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ସଭାପତି ଶରତ ଚନ୍ଦ୍ର ନାଏକ ଏବଂ ସମ୍ପାଦକ ଦୀପକ ନାୟକ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ବସ୍ ମାଲିକ ସଂଘ ସଭାପତିଙ୍କ ବିୟୋଗରେ ଶୋକ

**ବାରିପଦା ଅଫିସ,୧୮।୪:** ରାଜ୍ୟ ଘରୋଇ ବସ ମାଲିକ ସଂଘର ସଭାପତି ପ୍ରକାଶ ଚନ୍ଦ୍ର ମିଶ୍ରଙ୍କ ବିୟୋଗରେ ମୟୂରଭଞ୍ଜ ବସ ମାଲିକ ସଂଘ ପକ୍ଷରୁ ଗୁରୁବାର ବସଷ୍ଟାଣ୍ଡ ନିକଟରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ତାଙ୍କ ସମ୍ମାନାର୍ଥେ ବାରିପଦା ସହରରେ ସନ୍ଧ୍ୟା୭ ରୁ ୮ ଟା ପର୍ଯ୍ୟନ୍ତ କୌଣସି ବସ ଚଳାଚଳ କରି ନ ଥିଲା। ବସ ମାଲିକ ମିଶ୍ରଙ୍କ ବୁଧବର ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ଘଟିଥିଲା। ଏହି ଶୋକ ସଭାରେ ମୟୂରଭଞ୍ଜ ବସ ମାଲିକ ସଂଘର ସାଧାରଣ ସମ୍ପାଦକ ସୁନିଲ କୁମାର ଦାଶ, ସଭାପତି ଅଜୟ ବେହେରା, ମୋହନ ବେହେରା, ସୁରେଶ ଚନ୍ଦ୍ର ସାହୁ, ପ୍ରକାଶ ବେହେରା, ବିନୟ ପ୍ରସାଦ ଗୁପ୍ତାଙ୍କ ସମେତ ଅନ୍ୟବସ ମାଲିକମାନେ ଉପସ୍ଥିତ ରହି ଶୋକ ପ୍ରକାଶ କରିଥିଲେ।

### 'ବିଜୁଳି ନାହିଁ ତ ଭୋଟ ନାହିଁ'

**ବାରିପଦା ଅଫିସ,୧୮।୪:** ମୟୂରଭଞ୍ଜ ଜଲା ବାରିପଦା ବ୍ଲକର ବେତନା ପଞ୍ଚାୟତ ରାୟକଡଝରଣ ଗ୍ରାମବାସୀ ଆଜି ବି ଅନ୍ଧାରୀ ମୂଲକର ବାସିନ୍ଦା ହୋଇ ଜୀବନ ବିତାଉଛନ୍ତି। ୨୦୧୯ ସୁଦ୍ଧା ସବୁ ଗାଁକୁ ବଜୁଳି ଆଲୁଅ ଯୋଗାଇ ଦିଆଯିବ ବୋଲି ସରକାର ଘୋଷଣା କରିଥିଲେ ମଧ ତାହା ପ୍ରତାରଣାରେ ପରିଣତ ହୋଇଛି। ଏହାର ପ୍ରତିବାଦରେ ରାୟକଡଝରଣ ଗ୍ରାମବାସୀ ଏଥର ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି। ଏହି ଗ୍ରାମବାସୀ ଦର୍ଶାଇଛନ୍ତି ଯେ, ସେମାନେ ଏବେ ମଧ ଡିବିର ଆଲୁଅ ଉପରେ ଭରସା କରି ଚଳୁଛନ୍ତି। ପିଲାମାନେ ଡିବିରି ଆଲୁଅରେ ପାଠ ପଢି ପାରୁ ନ ଥିବାରୁ ସେମାନଙ୍କ ଭବିଷ୍ୟତ ନଷ୍ଟ ହେଉଛି। ମାସାର ରାଜ୍ୟ ସଭାପତି ଶୁକଲାଲ ମାରାଣ୍ଡିଙ୍କ ଆବାହକତ୍ୱରେ ବୁଧବାର ଏହି ଗାଁରେ ଏକ ଜରୁରୀ ବୈଠକ ବସି ଏ ନେଇ ଆଲୋଚନା ହୋଇଥିଲା। ୪ର୍ଥ ପର୍ଯ୍ୟାୟ ନିର୍ବାଚନ ପୂର୍ବରୁ ଏହି ଗ୍ରାମରେ ବିଦ୍ୟୁତ୍ ସଂଯୋଗ କରା ନ ଗଲେ ଗ୍ରାମବାସୀ ସମୂହ ଭୋଟ ବର୍ଜନ କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ଗ୍ରାମବାସୀ ବୈଠକରେ ପ୍ଲାକାର୍ଡ ଦେଖାଇ ଭୋଟ ବର୍ଜନ ଚେତାବନୀ ଦେଇଥିଲେ। ଦାସମାତ ହେମ୍ବ୍ରମ,ହାତୁ ହେମ୍ବ୍ରମ,ସିନିଙ୍ଗ ସରେନ, ଯାକବ ମାର୍ଣ୍ଡି, ମାଇକେଲ ଟୁଡୁ, ବାଦ୍ରା ସୋରେନ, ସ୍ୱପ୍ନା ସୋରେନ,ଡେଭିଡ ଟୁଡୁ ପ୍ରମୁଖଙ୍କ ସମେତ ଶତାଧିକ ଗ୍ରାମବାସୀ ବୈଠକରେ ଉପସ୍ଥିତ ଥିଲେ।

### ୩ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି

**ଖୁଣ୍ଟା, ୧୮।୪(ଡିଏନ.ଏ.):** ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧିନ ଉଦଳା -ବାରିପଦା ରାଜ୍ୟ ରାଜପଥର ଖୁଣ୍ଟା ପୁରୁଣାପାଣି ଛକରେ ଥିବା ମୋବାଇଲ ଦୋକାନରୁ ବୁଧବାର ରାତିରେ ୩ ଲକ୍ଷ ଟଙ୍କାର ସମାଗ୍ରୀ ଚୋରି ହୋଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଦୋକାନ ମାଲିକ ସମୀର କୁମାର ମହାନ୍ତି ଏ ନେଇ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଏହି ଦୋକାନରୁ ବିଭିନ୍ନ କମ୍ପାନୀର ଦାମୀ ମୋବାଇଲ, ସିସି କ୍ୟାମେରା ଓ କମ୍ପୁଟର ଆଦି ସାମଗ୍ରୀ ଚୋରି ହୋଇଥିବା ଏତଲାରେ ଦର୍ଶାଯାଇଛି।

■ବୋମା ବିସ୍ଫୋରଣରେ ଯୁବକଙ୍କ ମୃତ୍ୟୁ

# ରାଜନୈତିକ ଶତ୍ରୁତାରୁ ହତ୍ୟା ଅଭିଯୋଗ ଆଣିଲେ ପରିବାର

ଭଞ୍ଜନଗର,୧୮।୪(ଡି.ଏନ.ଏ)

ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅଗଖୋଲରେ ବୁଧବାର ରାତିରେ ବୋମା ବିସ୍ଫୋରଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସଦାଶିବ ପ୍ରଧାନ (୨୬)। ରାଜନୈତିକ ଶତ୍ରୁତାରୁ ସଦାଶିବଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ତାଙ୍କ ଭାଇ ହାଡୁ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ହତ୍ୟା ମାମଲା (ନଂ.୧୨୬/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି।

ପ୍ରକାଶ ଯେ, ସଦାଶିବ ବୁଧବାର ରାତିରେ ଘରୁ କେଉଁଆଡ଼େ ଯାଇଥିଲେ। ରାତି ପ୍ରାୟ ୨ଟାରେ ଘର ନିକଟରେ ବିସ୍ଫୋରଣ ଶବ୍ଦ ହୋଇଥିଲା। ପରିବାର ଲୋକଙ୍କ ସହ ପଡ଼ୋଶୀ ବାହାରକୁ ଆସି ସଦାଶିବ ଗୁରୁତର ଆହତ ହୋଇ ଛଟପଟ ହେଉଥିବା ଦେଖିଥିଲେ। ତାଙ୍କୁ ତୁରନ୍ତ ଭଞ୍ଜନଗର ହସ୍ପିଟାଲକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସଦାଶିବଙ୍କର ମୃତ୍ୟୁ ଘଟିଥିଲା। ସଦାଶିବ ପୂର୍ବରୁ ଭାଜପା ପାଇଁ ନିର୍ବାଚନୀ ପ୍ରଚାର କରୁଥିଲେ। ପରେ ବିଜେଡି ନେତାଙ୍କ ଚାପରେ ପଡ଼ି ଭାଜପା ଛାଡ଼ି ବିଜେଡିର ପ୍ରଚାର କରିଥିଲେ ବୋଲି ତାଙ୍କ ଭାଇ ହାଡୁ କହିଛନ୍ତି। ବୁଧବାର ରାତିରେ ଗ୍ରାମର ୩ ଯୁବକ ଭାଇଙ୍କୁ ଘରୁ ଡାକି ନେଇଥିଲେ। ପରେ ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି ବୋଲି ହାଡୁ ଏତଲାରେ ଦର୍ଶାଇଛନ୍ତି। ଏ ନେଇ ଥାନା ଅଧିକାରୀ ସୁଦୀପ୍ତ ସାହୁଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ବୋମାଟି ସଦାଙ୍କ ପକେଟରେ ଥିବା ବେଳେ ଫୁଟିଥିବା ଆଶଙ୍କା କରାଯାଉଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ । ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ।

# ଭାଟଖାଲିରେ ନିର୍ବାଚନୀ ହିଂସା, ୩ ଆହତ

ପୋଲସରା,୧୮।୪(ଡି.ଏନ.ଏ.)

ପୋଲସରା ବିଧାନସଭା ନିର୍ବାଚନ ମଣ୍ଡଳୀ କବିସୂର୍ଯ୍ୟନଗର ଥାନା ପୋଲସରା ବ୍ଲକ ରୁମାଗଡ଼ ପଞ୍ଚାୟତ ଭାଟଖାଲି ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ପୋଷ୍ଟର ଚିରାକୁ ନେଇ ଗଣ୍ଡଗୋଳ ଘଟିଛି। ଏଥିରେ ୩ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଭାଟଖାଲି ଗ୍ରାମର ଶ୍ୟାମ ସୁନ୍ଦର ସାହୁ (୬୨), ବିଦେଶୀ କୁମାର ସାହୁ (୩୫) ଓ ରାଜୀବ ବିଶୋୟୀ ଆହତ ହୋଇଛନ୍ତି। ରାଜୀବ ଏନେଇ କବିସୂର୍ଯ୍ୟନଗର ଥାନାରେ ଏତଲା ଦେଇଛନ୍ତି। ପୋଲିସ ଅଧିକାରୀ ତପନ କୁମାର ପତି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଆହତ ଶ୍ୟାମ ସୁନ୍ଦରଙ୍କ କହିବା ଅନୁଯାୟୀ, ବୁଧବାର ରାତିରେ ସେ ଖାଇସାରି ଶୋଇଥିଲେ। ରାତିରେ ଘର ପାଖରେ ପାଟିତୁଣ୍ଡ ଶୁଭିବାରୁ ସେ ଉଠି ପଦାକୁ ଆସିଥିଲେ। ପଦାକୁ ଆସିବା ପରେ ଗ୍ରାମର କିଛି ଯୁବକ ବିଦେଶୀ ଓ ରାଜୀବଙ୍କୁ ମାର୍‌ପିଟ କରୁଥିଲେ। ତାଙ୍କୁ ମଧ ଅତର୍କିତ ଆକ୍ରମଣ କରିଥିଲେ। ନିର୍ବାଚନରେ ପୋଷ୍ଟର ଲଗାଇବା ଓ ପୂର୍ବ ଶତ୍ରୁତାରୁ ଏହି ଆକ୍ରମଣ ହୋଇଥିବା ସେ କହିଛନ୍ତି।

■ବାଲିଗୁଡ଼ାରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଶେଷ

# ଇଭିଏମ୍ ଅଚଳ, ବିଳମ୍ବରେ ମତଦାନ


କଂଗ୍ରେସ ଏମ୍‌ପି ପ୍ରାର୍ଥୀ ମନୋଜ ଆଚାର୍ଯ୍ୟ ମତଦାନ କରୁଛନ୍ତି।


ଧାଡ଼ିରେ ଠିଆ ହୋଇଥିବା ମହିଳାମାନେ ପରିଚୟ ପତ୍ର ଦେଖାଉଛନ୍ତି।

ବାଲିଗୁଡ଼ା,୧୮।୪(ଡି.ଏନ୍.ଏ.)

ବାଲିଗୁଡ଼ାଠାରେ ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଶାନ୍ତିଶୃଙ୍ଖଳର ସହ ଶେଷ ହୋଇଛି। ସକାଳ ୭ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ଚାଲିଥିଲା। ଅନେକ ସ୍ଥାନରେ ଇଭିଏମ୍ ମେଶିନ ତ୍ରୁଟି ଯୋଗୁ ମତଦାନରେ ୨ଘଣ୍ଟା ବିଳମ୍ବ ହୋଇଥିଲା। ଟାଉନର ନୂଆସାହି, ବ୍ଲକ କଲୋନୀ ଓ ବଡ଼ଗାଁ ବିଦ୍ୟାଳୟରେ ଇଭିଏମ୍ ଓ ଭିଭିପାଟ ମେଶିନ ଅଚଳ ହୋଇଯାଇଥିଲା। ଆଉ କେତେକ ସ୍ଥାନରେ ପ୍ରବଳ ଖରାରୁ ରକ୍ଷା ପାଇବା ପାଇଁ ଆବଶ୍ୟକୀୟ ତମ୍ବୁ ଓ ଜଳଯୋଗାଣର ବ୍ୟବସ୍ଥା ନ ଥିବାରୁ ଭୋଟରଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅଚଳ ମେଶିନ ଗୁଡ଼ିକୁ ଇଞ୍ଜିନିୟରମାନଙ୍କ ଦ୍ୱାରା ମରାମତି ଓ ନୂଆ ମେଶିନ ଲଗାଇବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ବାଲିଗୁଡ଼ା ବ୍ଲକ ବାଟାଗୁଡ଼ା ପଞ୍ଚାୟତର ୪ ଗ୍ରାମବାସୀ ମାନେ ସମ୍ପୂର୍ଣ୍ଣ ଭୋଟ ବର୍ଜନ କରିଥିବା ଜଣାପଡ଼ିଛି। ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ଓ ସିଆରପିଏଫ ଜବାନ ମୁତୟନ ହୋଇଥିଲେ।

### ବଡଶାଳ ଗ୍ରାମବାସୀଙ୍କ ଭୋଟ ବର୍ଜନ ଚେତାବନୀ

**କପ୍ତିପଦା,୧୮।୪(ଡି.ଏନ.ଏ.)**

ଗାଁରେ ଲାଗିରହିଥିବା ପାନୀୟ ଜଳାଭାବ ସମେତ ବିଭିନ୍ନ ମୌଳିକ ସମସ୍ୟାର ପ୍ରତିକାର ନ ହେଲେମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଅଧୀନ ଲାବଣ୍ୟଦେଇପୁର ପଞ୍ଚାୟତର ବଡଶାଳ ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ରାଜନେତାମାନେ ବାରମ୍ବାର ପ୍ରତିଶ୍ରୁତି ଦେଇ ଗ୍ରାମବାସୀଙ୍କୁ ଠକି ଆସିଛନ୍ତି। ବର୍ତ୍ତମାନ ଖରାଦିନେ ଗ୍ରାମବାସୀ ଜଳକଷ୍ଟର ଶିକାର ହେଉଛନ୍ତି। ପ୍ରଶାସନ ପକ୍ଷରୁ କୌଣସି ପ୍ରତିକାର କରାଯାଉ ନାହିଁ। ସେହିପରି ଜବ୍‌କାର୍ଡ, ରାଶନକାର୍ଡ ଓ ଭୂମିହୀନଙ୍କୁ ଜମିପଟ୍ଟା ମିଳି ନାହିଁ। ଗ୍ରାମର ବହୁବିଧ ସମସ୍ୟା ନେଇ ଗ୍ରାମବାସୀ ଏକ ବୈଠକ କରି ଆଲୋଚନା କରିବା ପରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ତୁରନ୍ତ ଏହାର ପ୍ରତିକାର କରା ନ ଗଲେ ଗ୍ରାମବାସୀ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିବା ରାମ ସିଂ, ସାଧୁସିଂ, ହରି ସିଂ ପ୍ରମୁଖ ଗ୍ରାମବାସୀ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି।

# ଜି.ଉଦୟଗିରି ଏନ୍‌ଏସିର ଅନେକ ବୁଥ୍‌ରେ ବିଳମ୍ବରେ ମତଦାନ ଆରମ୍ଭ


ଜି.ଉଦୟଗିରି ୭୦ନଂ. ବୁଥ୍‌ରେ ମତଦାନ ଅପେକ୍ଷାରେ ଶତାଧିକ ଭୋଟର

ଜି.ଉଦୟଗିରି,୧୮।୪(ଡି.ଏନ.ଏ.)

ଜି.ଉଦୟଗିରି ବିଧାନସଭା ଓ କନ୍ଧମାଳ ଲୋକ ସଭା ଆସନ ପାଇଁ ଗୁରୁବାର ସକାଳ ୭ଟାରୁ ଅପରାହ୍ନ ୪ଟା ଯାଏ ମତଦାନ ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା। ଜି.ଉଦୟଗିରି ଏନ୍‌ଏସିର ହାଟପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬୬ ନଂ. ମଡେଲ ବୁଥ୍‌ରେ ଏକ ଘଣ୍ଟା ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ଏଜେଣ୍ଟମାନେ ବିଳମ୍ବରେ ଆସିବାରୁ ଅଧଘଣ୍ଟା ଏବଂ ମେଶିନରେ ତ୍ରୁଟି ଯୋଗୁ ଅଧଘଣ୍ଟା ବିଳମ୍ବ ହୋଇଥିଲା। ସେହିପରି ହାତୀଶାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୭୦ନଂ. ବୁଥରେ ଘଣ୍ଟାଏ ବିଳମ୍ବରେ ମତଦାନ ଆରମ୍ଭ ହୋଇଛି। ସେଠାରେ ମଧ ଏଜେଣ୍ଟମାନଙ୍କ ବିଳମ୍ବ ଯୋଗୁ ମକ୍‌ପୋଲ ଡେରି ହୋଇଥିଲା। ଅପରାହ୍ନ ୪ଟା ସୁଦ୍ଧା ଲୋକମାନେ ଭୋଟ ଦେବା ପାଇଁ ଲମ୍ବା ଧାଡିରେ ଛିଡ଼ା ହୋଇଥିଲେ। ଅପରାହ୍ନ ୪ଟା ସୁଦ୍ଧା ବୁଥ ପରିସରରେ ଥିବା ସମସ୍ତ ଭୋଟର ଭୋଟ ଦେବେ ବୋଲି ଜି.ଉଦୟଗିରି ବିଡିଓ ଶାନ୍ତନୁ କୁମାର ନାୟକ କହିଥିଲେ। କନବାଗିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଥିବା ୭୧ନଂ. ବୁଥ୍‌ରେ ମଧ ଲମ୍ବା ଧାଡି ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିଥିଲା। ସ୍ୱେଚ୍ଛାସେବୀମାନେ ବୟସ୍କ ଓ ଦିବ୍ୟାଙ୍ଗଙ୍କୁ ଯତ୍ନର ସହିତ ନେଇ ମତଦାନ କରାଉଥିଲେ । ଜି.ଉଦୟଗିରି ଏନଏସିର ସାତଟି ଯାକ ମତଦାନ କେନ୍ଦ୍ରରେ ଭୋଟ ଦେବା ପାଇଁ ଭିଡ଼ ଲାଗି ରହିଥିଲା। କିନ୍ତ ୬୯, ୭୦ ଓ ୭୧ନଂ ବୁଥ୍‌ରେ ସନ୍ଧ୍ୟା ପର୍ଯ୍ୟନ୍ତ ଗହଳି ଲାଗି ରହିଛି। ସୂଚନା ପ୍ରକାରେ ଜି.ଉଦୟଗିରି ବିଧାନସଭା ନିର୍ବାଚନ ମଣ୍ଡଳୀର ସମୁଦାୟ ୨୫୧ଟି ବୁଥ୍ ମଧରୁ ଜି.ଉଦୟଗିରି ବ୍ଲକ ଓ ଏନ୍‌ଏସିରେ ୪୦ଟି ମତଦାନ କେନ୍ଦ୍ର ଅଛି। ଜି.ଉଦୟଗିରି ବ୍ଲକ ଓ ଏନ୍‌ଏସିରେ ଅପରାହ୍ନ ୪ଟା ସୁଦ୍ଧା ୬୩ ଭାଗ ମତଦାନ ହୋଇଛି ଓ ଏହି ସଂଖ୍ୟା ଅଧିକ ହେବ ବୋଲି ଜି.ଉଦୟଗିରି ବିଡିଓ ଶାନ୍ତନୁ କୁମାର ନାୟକ କହିଛନ୍ତି। ଜି ଉଦୟଗିରି ନିର୍ବାଚନ ମଣ୍ଡଳୀରେ ଅପରାହ୍ନ ୫ଟା ସୁଦ୍ଧା ୬୩% ମତଦାନ ହୋଇଥିବା ଜଣାପଡିଛି ।

# ଲଛମନ ବାଲାଜୀ ମନ୍ଦିରରେ ନବାହ୍ନ ପାରାୟଣ

ଗଞ୍ଜାମ,୧୮।୪(ଡି.ଏନ.ଏ.)


ବ୍ୟାସ ଓ ଧାରକଙ୍କ ଦ୍ୱାରା ପରାୟଣ ।

ଗଞ୍ଜାମ ବଜାରସ୍ଥିତ ଲଛମନ ବାଲାଜୀ ମନ୍ଦିର ପ୍ରାଙ୍ଗଣରେ ଶ୍ରୀରାମ ନବମୀ ଉପଲକ୍ଷେ ରାମାୟଣ ପ୍ରଚାର କମିଟି ପକ୍ଷରୁ ରାମ ଚରିତ ମାନସ ଏବଂ ନବାହ୍ନ ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହା ୯ ଦିନ ବ୍ୟାପୀ ହେବ ବୋଲି ଆୟୋଜକ ତଥା ବଡ଼ବଜାର ବଣିକ ସଂଘ ସଭାପତି ଗୌରୀ ଶଙ୍କର ବାରିକି କହିଛନ୍ତି। ଏହି ଅବସରରେ ପ୍ରତ୍ୟେକ ଦିନ ପୂର୍ବାହ୍ନରେ ପାରାୟଣ ଚାଲୁଥିବା ବେଳେ ସନ୍ଧ୍ୟାରେ ପ୍ରବଚନ ହେଉଛି। ପ୍ରବାଚକ ଭାବେ ଅବସରପ୍ରାପ୍ତ ଶିକ୍ଷକ ଜଗନ୍ନାଥ ପଣ୍ଡା (ଛତ୍ରପୁର) ଏବଂ ବ୍ରହ୍ମପୁର ଏରେଣ୍ଡ୍ରା ଅଞ୍ଚଳର ବିଶିଷ୍ଟ ପାଲା ଗାୟକ କୁଞ୍ଜବିହାରୀ ଦାସ ଯୋଗ ଦେଇଛନ୍ତି। ବ୍ୟାସ ମହାରାଜ ପ୍ରଶାନ୍ତ କୁମାର ତ୍ରିପାଠୀ ଏବଂ ଧାରକ ଭାବେ ସୁବାସ ଚନ୍ଦ୍ର ଷଡ଼ଙ୍ଗୀ (ଅଗସ୍ତି ନୂଆଗାଁ) ପ୍ରମୁଖ ପାରାୟଣ କରୁଛନ୍ତି। ରାମାୟଣ ପ୍ରଚାର ସମିତି ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ବାରିକି, ମନୋଜ କୁମାର ବେହେରା, ଶୁଭ ପଟ୍ଟନାୟକ ପ୍ରମୁଖ ପରିଚାଳନା କରୁଛନ୍ତି। କାଳିଆ ଶତପଥୀଙ୍କ ଦ୍ୱାରା ହୋମମଙ୍କ ଏବଂ ଘୃତଯଜ୍ଞ ହେବ ଏବଂ ଆସନ୍ତା ୨୩ରେ ପୂର୍ଣ୍ଣାହୁତି ହେବ ବୋଲି ଆୟୋଜକ କହିଛନ୍ତି ।

### ମଦ ବେପାରୀଙ୍କୁ ୩ ବର୍ଷ ଜେଲ୍

**ରାଇରଙ୍ଗପୁର,୧୮।୪(ଡିଏନ.ଏ.)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସବ୍‌ଡିଭିଜିନାଲ ମାଜିଷ୍ଟ୍ରେଟ ରାକେଶ କୁମାର ମୁଦୁଲି ଏକ ବେଆଇନ ମଦ କାରବାର ମାମଲାର ବିଚାର କରି ମଦ ବେପାରୀ ରାମ ନାଏକଙ୍କୁ ୩ ବର୍ଷ କରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ନ ଦେଲେ ଅଧିକ ୩ ମାସ ଜେଲ୍ ଭୋଗିବାକୁ ପଡିବ । ମଦ ବେପାରୀ ରାମଙ୍କ ଘର ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଗୋପିନାଥପୁର ଗ୍ରାମରେ ।

# ଗଞ୍ଜାମ ବ୍ଲକ : ବହୁ ପଦବୀ ଖାଲି, ଉନ୍ନୟନ କାର୍ଯ୍ୟ ଠପ୍

ଗଞ୍ଜାମ,୧୮।୪(ଡି.ଏନ.ଏ.)

ଗଞ୍ଜାମ ବ୍ଲକ କାର୍ଯ୍ୟାଳୟରେ ଅଧିକାଂଶ ପଦବୀ ଖାଲି ପଡ଼ିଥିବା ଯୋଗୁ ଉନ୍ନୟନ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଯାଇଛି। ବ୍ଲକରେ ମୋଟ ୬୮ କର୍ମଚାରୀ ପଦବୀ ଥିବା ବେଳେ ମାତ୍ର ୫୧ କର୍ମଚାରୀ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅଛନ୍ତି। ୬ ବର୍ଷରୁ ଊର୍ଦ୍ଧ୍ୱ ହେବ ବିଏସ୍‌ଏସ୍‌ଓ ପଦବୀ ଖାଲି ପଡ଼ିଛି। ଏଥିସହ ୩ବର୍ଷରୁ ଊର୍ଦ୍ଧ୍ୱ ହେବ ଡବ୍ଲୁଇଓ ପଦବୀ ମଧ ଖାଲି ପଡ଼ିଥିବାରୁ ସମସ୍ୟା ଦେଖାଦେଇଛି। ବ୍ଲକର ୧୫ଟି ଭିଏଲଡବ୍ଲୁ ମଧରୁ ୧୧ ଜଣ, ଜିଆର୍‌ଏସ୍ ୧୫ ରୁ ୧୪, ଆଇପିଓ ପଦବୀ ଖାଲି, ପିଅନ ୫ ରୁ ୪ ଥିବା ବେଳେ ରାତି ଜଗୁଆଳି ପଦବୀ ମଧ ଖାଲି ପଡ଼ିଥିବା ଜଣାପଡ଼ିଛି। ଏହି ପଦବୀଗୁଡ଼ିକ ଖାଲି ପଡ଼ିଥିବା ଦ୍ୱାରା ବିଭିନ୍ନ ପଞ୍ଚାୟତରୁ ଆସି ଲୋକମାନେ ନାନା ହଇରାଣ ହେଉଛନ୍ତି। ଏ ନେଇ ବିଡିଓ ଜ୍ୟୋତି ଶଙ୍କର ରାଏଙ୍କୁ ପଚାରିବାରୁ ପଦବୀ ଖାଲିଥିବା ଜିଲା ପ୍ରଶାସନକୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି।

# ମହିଳାଙ୍କୁ ଅସଦାଚରଣ ମାମଲା, ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ଛତ୍ରପୁର,୧୮।୪(ଡି.ଏନ୍.ଏ.)

ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ଗଞ୍ଜାମ ଥାନା ବିରିପୁର ଗାଁ ହରିଜନ ସାହିର ଅଭିଯୁକ୍ତ ତାରିଣୀ ଦାସଙ୍କୁ ଗୁରୁବାର ଛତ୍ରପୁର ଏସଡ଼ିଜେଏମ ଜୟ ପ୍ରକାଶ ନାୟକ ଦୋଷୀ ସାବ୍ୟସ୍ତ କରିଛନ୍ତି। ପ୍ରକାଶ ଯେ, ୨୦୧୪ ଏପ୍ରିଲ ୨୭ ରାତି ପ୍ରାୟ ୧୦ଟା ୪୦ରେ ଅଭିଯୁକ୍ତ ଏତାଲାକାରିଣୀଙ୍କ ଘର ନିକଟରେ ପହଞ୍ଚିଥିଲେ। ରାତିରେ ଗାଁ ଦାଣ୍ଡ ଶୂନ୍‌ଶାନ୍ ଥିବାବେଳେ ଏତଲାକାରିଣୀଙ୍କ ଝିଅ ଘର ଆଗରେ ଏକା ବସିଥିବା ଦେଖି ଅଭିଯୁକ୍ତ ଅସଦାଚରଣ କରିଥିଲେ। ଝିଅର ପାଟି ଶୁଣି ଘରଲୋକେ ପହଞ୍ଚି ଉଦ୍ଧାର କରିଥିଲେ। ପରଦିନ ସକାଳେ ଏ ନେଇ ଗ୍ରାମବାସୀଙ୍କୁ ଜଣାଇ ଗାଁରେ ବୈଠକ ଡାକି ଅଭିଯୁକ୍ତଙ୍କୁ ଆସି ନିଜ ପକ୍ଷ ରଖିବାକୁ କୁହାଯାଇଥିଲା। ମାତ୍ର ସେ ଆସି ନ ଥିଲେ। ୨୯ ତାରିଖ ପୀଡିତାଙ୍କ ମା' ଏନେଇ ଥାନାରେ ଏତଲା ଦେଇଥିଲେ। ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲେ। ୯ଜଣ ସାକ୍ଷୀ ଓ ଅନ୍ୟ ପ୍ରମାଣକୁ ନେଇ ବିଚାରପତି ଗୁରୁବାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ମୁଖ୍ୟଅଭିଯୁକ୍ତଙ୍କୁ ୧ବର୍ଷ କାରାଦଣ୍ଡ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ କ୍ୟାଡର୍ ଏପିପି ରାଜେଶ କୁମାର୍ ମିଶ୍ର, ଏପିପି କୃଷ୍ଣଚନ୍ଦ୍ର ବେହେରା ଓ ଏପିପି ସୌରୀ ପ୍ରସାଦ ବେହେରା ଓ ମୁଦାଲାଙ୍କ ପକ୍ଷରୁ ନିରାକାର ମାଳି ମାମଲା ପରିଚାଳନା କରିଥିଲେ।

# ପୋଲସରାରେ ହିଂସାକାଣ୍ଡ: ଗାଡ଼ି ଭଙ୍ଗାରୁଜା, ଜଣେ ଗୁରୁତର


ଆହତ ବ୍ୟକ୍ତି ଓ କ୍ଷତିଗ୍ରସ୍ତ ଗାଡ଼ି।

ପୋଲସରା,୧୮।୪(ଡି.ଏନ.ଏ.)

ଆସିକା ସଂସଦୀୟ କ୍ଷେତ୍ର ସମେତ ପୋଲସରା ବିଧାନସଭା କ୍ଷେତ୍ର ଅଞ୍ଚଳରେ କାଁ ଭାଁ ହିଂସାକାଣ୍ଡ ମଧରେ ଦ୍ୱିତୀୟ ପର୍ଯ୍ୟାୟରେ ମତଦାନ ଶେଷ ହୋଇଛି। ଗୁରୁବାର ପୋଲସରା ସହରରେ କେତେକ ଦୁର୍ବୃତ୍ତ ଏକ ଚାରି ଚକିଆ ଗାଡ଼ି (ଟିୟୁଭି) ଉପରକୁ ବଡ଼ ପଥର ପକାଇ ଆକ୍ରମଣ କରିଛନ୍ତି। ଏଥିରେ ଡ୍ରାଇଭର ନୀରଞ୍ଜନ ସାହୁ ଆହତ ହୋଇଥିବା ବେଳେ ଗାଡ଼ିରେ ବସିଥିବା କାହ୍ନୁ ଚରଣ ସ୍ୱାଇଁ ଗୁରୁତର ହୋଇଛନ୍ତି। କାହ୍ନୁଙ୍କୁ ବ୍ରହ୍ମପୁର ବଡ଼ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି।

ନିରଞ୍ଜନଙ୍କ କହିବାନୁସାରେ, ସେ ରାଣୀପଡ଼ାରୁ ମେଡିକାଲକୁ ଫେରୁଥିବା ବାଟରେ ମେଡିକାଲ ଛକ ନିକଟରେ କେତେକ ଦୁର୍ବୃତ୍ତ ହଠାତ୍ ଗାଡ଼ି ସମ୍ମୁଖରେ ଆସି ପଥର ଫୋପାଡ଼ିଥିଲେ। ଏହି ଘଟଣା କେଉଁ କାରଣକୁ ନେଇ ଘଟିଛି ତାହା ନିରଞ୍ଜନ ସ୍ପଷ୍ଟ କରିପାରିନଥିଲେ। ଉକ୍ତ ଘଟଣାକୁ ନେଇ ଥାନାରେ କୌଣସି ଏତଲା ହୋଇ ନ ଥିବା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲିକ ସୂଚନା ଦେଇଛନ୍ତି ।

# ରାଇକିଆ ବ୍ଲକରେ ଶାନ୍ତିପୂର୍ଣ୍ଣ ମତଦାନ

ରାଇକିଆ,୧୮।୪(ଡି.ଏନ.ଏ)


ବୁଥ୍ ନିକଟରେ ଜଣେ ବରିଷ୍ଠ ନାଗରିକଙ୍କୁ ସ୍ୱାଗତ କରାଯାଉଛି।

ରାଇକିଆ ବ୍ଲକ ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ଭାବେ ମତଦାନ ଶେଷ ହୋଇଛି । ଗୁରୁବାର ସକାଳ ୭ଟାରେ ସମସ୍ତ ବୁଥଗୁଡିକରେ ମତଦାନ ଆରମ୍ଭ ହୋଇଥିଲା । ବ୍ଲକର ୧୨ ପଞ୍ଚାୟତରେ ୫୫ଟି ବୁଥରେ ମତଦାତାମାନେ ସେମାନଙ୍କମତ ସାବ୍ୟସ୍ତ କରିଥିଲେ। କେତେକ ବୁଥରେ ଇଭିଏମରେ ଯାନ୍ତ୍ରୀକ ତ୍ରୁଟି ଯୋଗୁ ମତଦାନ ବିଳମ୍ବରେ ଆରମ୍ଭ ହୋଇଥିଲା । ମିଳିଥିବା ଖବର ଅନୁଯାୟୀ ବ୍ଲକରେ ୬୯.୯ ପ୍ରତିଶତ ମତଦାନ ହୋଇଥିବା ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ବିଡ଼ିଓ ରଶ୍ମି ରଞ୍ଜନ ମହନ୍ତ କହିଛନ୍ତି। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ଅଧିକାରୀମାନେ ବିଭିନ୍ନ ବୁଥ ବୁଲି ଦେଖିଥିଲେ । ମତଦାତାମାନେ ଆଗ୍ରହର ସହ ସେମାନଙ୍କ ମତ ସାବ୍ୟସ୍ତ କରୁଥିବା ଦେଖାଯାଇଥିଲା। ଗଣତନ୍ତ୍ର ପାଇଁ ଭୋଟଦାନ ନିହାତି ଜରୁରୀ। ବାହାରେ ରହୁଥିଲେ ମଧ ନିଜ ଅଞ୍ଚଳର ବିକାଶର ଅଂଶୀଦାର ହେବା ପାଇଁ ଭୋଟ ଦେବାକୁ ବାଙ୍ଗାଲୋରରୁ ଆସିଛି ବୋଲି କହିଛନ୍ତି ଭୋଟର ସନ୍ତୋଷ ବେହେରା। ସେହିପରି ଚାଷୀ ବେଲେଶ୍ୱର ପ୍ରଧାନ କହିଛନ୍ତି, ଜଣେ କୃଷକ ହିସାବରେ ନିଶ୍ଚିତ ଭାବେ କୃଷକଙ୍କର ବିକାଶ ଚାହିଁବି । ସେଥିପାଇଁ ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ ଦେଇଛି। ପ୍ରଥମଥର ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ମତଦାନ କେନ୍ଦ୍ରରେ ହୋଇଛି । ଦିବ୍ୟାଙ୍ଗଙ୍କ ପାଇଁ ର୍ୟାମ୍ପ ବ୍ୟବସ୍ଥା କରାଯାଇଥିବାରୁ ସେମାନେ ମଧ ଆସି ଭୋଟ ଦେଇପାରୁଛନ୍ତି। ସେହିପରି ପ୍ରଥମ ଥା ପାଇଁ ଭୋଟ ଦେଇଥିବା ଛାତ୍ର ଚିରଞ୍ଜୀବ ସାହୁ କହିଛନ୍ତି, ମତଦାନ କେନ୍ଦ୍ରରେ ସବୁ ବ୍ୟବସ୍ଥା ହୋଇଥିବା ଦେଖି ଖୁସି ଲାଗିଲା । ଗଣତନ୍ତ୍ରର ସୁରକ୍ଷା ପାଇଁ ସମସ୍ତେ ଭୋଟ ଦେବା ଜରୁରୀ।

**ଆକର୍ଷଣ ସାଜିଲା ମଡ଼େଲ ବୁଥ**

ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଏବଂ ସଚେତନତା ସୃଷ୍ଟି ପାଇଁ ୧୦୦ ନଂ. ଚୁନପଲ୍ଲୀ ଏବଂ ୧୧୧ ନଂ. ବୁଥ ବେରେଡ଼ାକିଆ ସେବାଶ୍ରମକୁ ମଡ଼େଲ ବୁଥ ଭାବେ ନିଆଯାଇଥିଲା। ଏହି ବୁଥରେ ଆକର୍ଷଣୀୟ ସାଜସଜା କରାଯାଇଥିଲା। ଭୋଟରମାନେ ବିଶ୍ରାମ ନେବା ପାଇଁ ଚେୟାର, ମହିଳା ଭୋଟରଙ୍କ ସହ ଆସିଥିବା ପିଲାମାନେ ଖେଳିବା ପାଇଁ ବିଭିନ୍ନ ସାମଗ୍ରୀ ରଖାଯାଇଥିଲା । ସଚେତନତା ପାଇଁ ବାଲୁକା କଳା ପ୍ରଦର୍ଶନ କରାଯାଇଥିଲା । ଚୁନପଲ୍ଲୀ ଠାରେ ଥିବା ମଡ଼େଲ ବୁଥରେ ୯୩ ବର୍ଷୀୟ ଜଣେ ବରିଷ୍ଠ ନାଗରିକଙ୍କ ଦ୍ୱାରା ଉଦଘାଟନ କରାଯାଇଥିଲା । ନୂତନ ଭୋଟର ମାନଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତଂ କରାଯାଇଥିଲା। ପାନୀୟ ଜଳ ଏବଂ ସମସ୍ତ ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା ମଧ ହୋଇଥିଲା ।

**ଇଭିଏମ ପରିଚାଳନାରେ ତ୍ରୁଟି**

ସକାଳ ୭ଟାରୁ ପୋଲିଂ ଆରମ୍ଭ ହେବା ମାତ୍ରେ କେତେକ ବୁଥରେ ଇଭିଏମ କାମ କରି ନ ଥିଲା । କିଛି ସମୟ ଧାଡ଼ିରେ ଠିଆ ହୋଇ ଭୋଟର ନିରାଶ ହୋଇଥିଲେ । ଇଭିଏମ ଖରାପ ହୋଇ ନ ଥିଲେ ମଧ ପରିଚାଳନାରେ ସମସ୍ୟା ଯୋଗୁ ସମସ୍ୟା ଉପୁଜିଥିଲା । ସମସ୍ୟା ଦେଖା ଦେଇଥିବା ବୁଥଗୁଡିକରେ ୧୫ ରୁ ୩୦ ମିନିଟ ଲେଖାଁଏ ଭୋଟଦାନ ବନ୍ଦ ରହିଥିଲା । ମରାମତି ପରେ ପୁଣି ଭୋଟିଂ ଆରମ୍ଭ ହୋଇ ଥିଲା । ଗୁମାମାହା ଅଞ୍ଚଳରେ ଏହାକୁ ନେଇ ଅସନ୍ତୋଷ ଦେଖା ଦେଇଥିଲା ।







## ସଂକ୍ଷେପରେ

### ସରିଲା ମତଦାନ, ଇଭିଏମରେ ପ୍ରାର୍ଥୀଙ୍କ ଭାଗ୍ୟ



ଏମ୍‌ପି ପ୍ରାର୍ଥିନୀ ଅନୀତା ଶୁଭଦର୍ଶିନୀ ପଟ୍ଟନାୟକ।

**ପୋଲସରା,୧୮।୪(ଡି.ଏନ.ଏ.):** ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଶେଷ ହୋଇଛି। ପୋଲସରା ବ୍ଲକ ଓ ଏନଏସି ୧୪୦ ନଂ. ବୁଥରେ ମତଦାନ ସରିଛି। ସାନବରଗାଁ ଉପ୍ରା ବିଦ୍ୟାଳୟରେ ଥିବା ବୁଥ୍ ନଂ.୧୭୨ରେ ୧୫ ମିନିଟ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ଲିଙ୍ଗରାଜ ବାଳିକା ଉଚ୍ଚ ବିଦ୍ୟାଳୟରେ ଥିବା ଆଦର୍ଶ ବୁଥ ୧୨୬ନଂ. ବୁଥରେ ମକପୋଲ ପରେ ଭିଭିପାଟ ମେଶିନ ଅଚଳ ହୋଇଯାଇଥିଲା। ଫଳରେ ମତଦାତାଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ମେଶିନ ସଜଡ଼ାଯିବା ପରେ ବହୁ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ସେହିପରି ବୋର୍ଡ ସ୍କୁଲ ପରିସରରେ ରହିଥିବା ୨୧୪ ନଂ. ବୁଥରେ ମଧ ଅପରାହ୍ନ ପ୍ରାୟ ୨ଟାରେରେ ମେଶିନ ଅଚଳ ହୋଇପଡ଼ିଥିଲା। ୨.୨୦ରେ ସଜଡାଯିବା ପରେ ମତଦାନ ହୋଇଥିଲା। ଅପରାହ୍ନ ପ୍ରାୟ ୪ଟାରେ ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତ ସାହୁ ହାତୀଓଟରେ ମତଦାନ କରିଥିବା ବେଳେ ଏମ୍‌ପି ପ୍ରାର୍ଥୀ ଅନୀତା ଶୁଭଦର୍ଶିନୀ ନିଜ ଗ୍ରାମ ଢୁଙ୍କାପଡ଼ାରେ ପୂର୍ବାହ୍ନରେ ମତଦାନ କରିଥିଲେ।

### ବେଗୁନିଆପଡା ବ୍ଲକରେ ୬୮% ମତଦାନ

**ବେଗୁନିଆପଡା,୧୮।୪(ଡି.ଏନ୍.ଏ.):** ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ବେଗୁନିଆପଡା ବ୍ଲକ ଅଞ୍ଚଳରେ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। କେତେକ ସ୍ଥାନରେ ଇଭିଏମ୍‌ରେ ତ୍ରୁଟି ଯୋଗୁ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ଆସିକା ଲୋକ ସଭା ଓ କବିସୂର୍ଯ୍ୟନଗର ବିଧାନସଭା ଆସନ ପାଇଁ ଭୋଟ ଚାଲିଥିବାବେଳେ କବିସୂର୍ଯ୍ୟନଗର ବିଧାନସଭା ଅନ୍ତର୍ଗତ ବେଗୁନିଆପଡ଼ା ବ୍ଲକରେ ମତଦାନ ହାର ୬୮ % ରହିଛି। ବ୍ଲକର ବହୁ ବୁଥରେ ମତଦାନ ବିଳମ୍ବରେ ଆରମ୍ଭ ହୋଇଥିଲା। ସେହିପରି ବେଗୁନିଆପଡା ଫାଣ୍ଡି କୁମ୍ଭାରଗାଁରେ ବୁଧବାର ରାମାୟଣ ନାଟକକୁ ପୋଲିସ ବନ୍ଦ କରିବାରୁ ଗ୍ରାମବାସୀ ଭୋଟ ବର୍ଜନ କରିବା ପାଇଁ ଚେତାବନୀ ଦେଇଥିଲେ। ଗୁରୁବାର ସକାଳୁ ଗ୍ରାମର ତଳସାହି ଭୋଟର ପ୍ରତିବାଦ କରି ଭୋଟ ବର୍ଜନ କରିଥିଲେ। ଗ୍ରାମରେ ବୁଥ ନଂ.୮ରେ କୁମ୍ଭାର ଗାଁକୁ ଛାଡି ଅନ୍ୟ ୫ ଗ୍ରାମର ଭୋଟର ଭୋଟ ଦେଇଥିଲେ। ସେପଟେ ଭିନ୍ନକ୍ଷମଙ୍କ ପାଇଁ ବ୍ଲକର ବିଭିନ୍ନ ପଞ୍ଚାୟତ ପାଇଁ ୩୬ ଅଟୋର ବ୍ୟବସ୍ଥା କରାଯାଇଥିଲା। ଅପରାହ୍ନ ସାଢେ ଗୋଟାଏରେ ସୁମଣ୍ଡଳର ୧୬୭ନଂ. ବୁଥରେ ଇଭିଏମ୍ ଅଚଳ ଯୋଗୁ ୨ ଘଣ୍ଟା ମତଦାନ ବନ୍ଦ ରହିଥିଲା। ପରେ ନୂଆ ଇଭିଏମ୍ ଆସିବା ପରେ ମତଦାନ ଆରମ୍ଭ ହୋଇଥିଲା। ସେହିପରି ବେଲପଡାରେ ମଧ ଇଭିଏମ୍ ଅଚଳ ଯୋଗୁ ପ୍ରାୟ ୩୦ ମନିଟ୍ ବିଳମ୍ବ ହୋଇଥିଲା। ବିଭିନ୍ନ ବୁଥରେ ଦିବ୍ୟାଙ୍ଗମାନଙ୍କ ପାଇଁ ଭଲ୍ୟୁଣ୍ଟର ମାନେ ସହଯୋଗ କରିଥିଲେ। ମୋଟ ଉପରେ ଶାନ୍ତିପୂର୍ଣ୍ଣ ଭାବେ ମତଦାନ ହୋଇଥିବା ବିଡିଓ ଅରୁଣ କୁମାର ମଲ୍ଲିକ ପ୍ରକାଶ କରିଛନ୍ତି।

# ମ୍ୟୁନିସିପାଲିଟିର ୧୭, ବ୍ଲକର ୧୦୧ ବୁଥରେ ମତଦାନ

**ହିଞ୍ଜିଳିକାଟୁ,୧୮।୪(ଡି.ଏନ୍.ଏ.)**

■ହିଞ୍ଜିଳିକାଟୁର କେତେକ ବୁଥରେ ଉତ୍ତେଜନା

■ବୁଥରେ ପଶିଲେ ବିଜେଡି କର୍ମୀ, ଭୋଟ ନ ଦେଲେ ରାଶନ କାର୍ଡ ବନ୍ଦ

■ଏସ୍‌ପିଙ୍କୁ ଅଭିଯୋଗ କଲେ ପୀତାମ୍ବର

ହିଞ୍ଜିଳିକାଟୁ ମ୍ୟୁନିସିପାଲିଟିର ୧୭ ବୁଥ ଓ ବ୍ଲକର ୧୦୧ ବୁଥରେ ଭୋଟରମାନେ ସେମାନଙ୍କ ମତସାବ୍ୟସ୍ତ କରିଛନ୍ତି। ବ୍ଲକର କଣ୍ଟେଇକୋଲି ୧୯୬ ବୁଥରେ ସକାଳେ ଇଭିଏମରେ ଯାନ୍ତ୍ରିକ ତ୍ରୁଟିରୁ ପ୍ରାୟ ୧ଘଣ୍ଟା ପର୍ଯ୍ୟନ୍ତ ମତଦାନ ବନ୍ଦ ରହିଥିଲା। ସେହିପରି ହିଞ୍ଜିଳିକାଟୁ ଲକ୍ଷ୍ମୀନୃସିଂହ ପ୍ରାଥମିକ ବିଦ୍ୟାଳୟ, ରେଗିଡ଼ି ପ୍ରାଇମେରୀ ସ୍କୁଲ ବୁଥରେ ଇଭିଏମରେ ତ୍ରୁଟି ହେତୁ କିଛି ସମୟ ପାଇଁ ମତଦାନ ବନ୍ଦ ରହିଥିଲା। କେତେକ ବୁଥରେ ମତଦାନକୁ ନେଇ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିବା ଦେଖାଯାଇଥିଲା। ରାଳବ ଗ୍ରାମରେ ଥିବା ୧୪୮,୧୪୯ ଓ ୧୫୦ ନଂ. ବୁଥରେ ଗ୍ରାମର କେତେଜଣ ବିଜେଡି କର୍ମୀ ଜୋରଜବରଦସ୍ତ ବୁଥ ଭିତରେ ପଶିଥିଲେ। ବିଜେଡିକୁ ଭୋଟ ନ ଦେଲେ ରାଶନ କାର୍ଡ଼ ବନ୍ଦ କରିଦେବେ ବୋଲି ସେମାନେ ଧମକ ଦେଇଥିବା ଭାଜପା ପ୍ରାର୍ଥୀ ପୀତାମ୍ବର ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି। ଏ ନେଇ ସେ ଏସ୍‌ପିଙ୍କୁ ଜଣାଇଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ବ୍ଲକର ଚାନ୍ଦୁଲି, ଦୁର୍ବନ୍ଧ, ସାହାପୁର, ଶିଖରପୁର ଓ ପୌରାଞ୍ଚଳର ଆଙ୍କୋରଡ଼ା ଭୋଟ କେନ୍ଦ୍ରଗୁଡ଼ିକରେ ମତଦାନକୁ ନେଇ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିବା ଅଭିଯୋଗ ହୋଇଛି।

ହିଞ୍ଜିଳି ବ୍ଲକ ଓ ପୌରାଞ୍ଚଳରେ ମୋଟ ୬୪.୯୧ ପ୍ରତିଶତ ମତଦାନ ହୋଇଥିବା ତହସିଲଦାର ଗୋପୀନାଥ କୁଅଁର ସୂଚନା ଦେଇଛନ୍ତି। ଦିବ୍ୟାଙ୍ଗ ଭୋଟରଙ୍କ ନିମନ୍ତେ ବୁଥରେ ହ୍ୱିଲ ଚେୟାର ବ୍ୟବସ୍ଥା କରାଯାଇଥିଲା। ହିଞ୍ଜିଳି ଥାନାର ୮ଟି ମୋବାଇଲ ପାର୍ଟି ସହ ପ୍ରତ୍ୟେକ ବୁଥରେ ପୋଲିସ କର୍ମଚାରୀ ନିୟୋଜିତ ଥିଲେ। ବ୍ଲକର ୧୫ ବୁଥକୁ ଅତି ଉତ୍ତେଜନା ପ୍ରବଣ ଭାବେ ଚିହ୍ନଟ କରାଯାଇ ସେଠାରେ ସିଏପିଏଫ ବାହିନୀ ମୁତୟନ ହୋଇଥିଲେ। କିଛି ବୁଥରେ ୱେବ କାଷ୍ଟିଂ, ଶାସନ ଆମ୍ବଗାଁ ବୁଥରେ ସିସି କ୍ୟାମେରା ଲଗାଯାଇଥିଲା। ପୌରାଞ୍ଚଳର ଏନଏସି ହାଇସ୍କୁଲ ୧୨୪ନଂ ବୁଥକୁ ପିଙ୍କ ବୁଥ କରାଯାଇଥିଲା। ସେଠାରେ ୬ମହିଳା କର୍ମଚାରୀ ମତଦାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଞ୍ଚଳରେ ହୋଇଥିବା ବିକାଶକୁ ଦେଖି ଲୋକେ ପୁଣିଥରେ ନବୀନ ପଟ୍ଟନାୟକଙ୍କୁ ବହୁମାତ୍ରାରେ ଭୋଟ ଦେଇଛନ୍ତି ବୋଲି ବିଜେଡ଼ି ନଗର ସଭାପତି ଭୀମସେନ ବେହେରା କହିଛନ୍ତି। ଅନ୍ୟପକ୍ଷରେ ଏକଦା କଂଗ୍ରେସର ଗଡ଼ ଥିବା ହିଞ୍ଜିଳିରେ ଶାସକ ବିଜେଡ଼ିର ଗୁଣ୍ଡାରାଜ ଓ ମିଥ୍ୟା ପ୍ରତିଶ୍ରୁତିରେ ଲୋକେ ବୀତସ୍ପୃହ ହୋଇ କଂଗ୍ରେସକୁ ଭୋଟ ଦେଇଛନ୍ତି ବୋଲି କଂଗ୍ରେସ ପ୍ରାର୍ଥୀ ଶମ୍ଭୁ ପାଣିଗ୍ରାହୀ କହିଛନ୍ତି। ଭାଜପା ପ୍ରାର୍ଥୀ ପୀତାମ୍ବର କହିଛନ୍ତି, ଜନମତ ନିଶ୍ଚିତ ଭାବେ ଭାଜପା ସପକ୍ଷରେ ଯାଇଛି। ଲୋକେ ସ୍ୱତଃସ୍ଫୂର୍ତ୍ତ ଭାବେ ଭାଜପା ଓ ନରେନ୍ଦ୍ର ମୋଦିଙ୍କ ସପକ୍ଷରେ ଭୋଟ ଦେଇଛନ୍ତି। ସୂଚନାଯୋଗ୍ୟ, ହିଞ୍ଜିଳି ବିଧାନସଭା କ୍ଷେତ୍ରରେ ମୋଟ ୨,୨୦,୨୬୫ ଭୋଟର। ସେଥିମଧ୍ୟରୁ ୧,୧୬,୯୩୫ ପୁରୁଷ, ୧,୦୩, ୩୧୫ ମହିଳା ଓ ଅନ୍ୟାନ୍ୟ ୧୫ ଭୋଟର। ଏଥିସହ ନିର୍ବାଚନ ମଣ୍ଡଳୀରେ ୨୭୧ଜଣ ସରକାରୀ କର୍ମଚାରୀଙ୍କ ଭୋଟ ରହିଥିଲା।



ରାଳବରେ ମହିଳା ଭୋଟରମାନେ ଧାଡ଼ିରେ ଅପେକ୍ଷା କରିଛନ୍ତି।

# ଖଲ୍ଲିକୋଟ ବ୍ଲକରେ ଶାନ୍ତିପୂର୍ଣ୍ଣ ମତଦାନ

**ଖଲ୍ଲିକୋଟ,୧୮।୪(ଡି.ଏନ.ଏ.)**

ଖଲ୍ଲିକୋଟ ବ୍ଲକ ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ଭାବେ ମତଦାନ ସରିଛି। ଗୁରୁବାର ସକାଳ ୭ଟାରୁ ବ୍ଲକର ୨୯ ପଞ୍ଚାୟତରେ ୧୫୧ ବୁଥ୍‌ରେ ମତଦାନ ହୋଇଥିଲା। ଶ୍ରୀକୃଷ୍ଣଶରଣପୁର ଗ୍ରାମର ୭୧ନଂ. ବୁଥ, ବିକ୍ରମପୁରର ୬୭ନଂ. ବୁଥ, ଗୋପପୁରର ୧୩୧ନଂ. ବୁଥ, ମଥୁରା ଗ୍ରାମର ୧୦୪ନଂ ବୁଥ ସମେତ ଅନ୍ୟ କେତୋଟି ବୁଥରେ ଇଭିଏମ ଖରାପ ଯୋଗୁ ପ୍ରାୟ ଘଣ୍ଟାଏରୁ ଦେଢ଼ଘଣ୍ଟା ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ଏସଏମ ହାଇସ୍କୁଲରେ ୨, ଚିକିଲି ଗ୍ରାମରେ ୨ ଏବଂ ମଥୁରା ଗ୍ରାମରେ ୨ ଏପରି ବ୍ଲକରେ ମୋଟ ୬ଟି ମଡ଼େଲ ବୁଥ୍ ହୋଇଥିଲା। ଖଲ୍ଲିକୋଟ ଟାଉନରେ ଥିବା ଆଭାସ ସ୍କୁଲରେ ଗୋଟିଏ ପିଙ୍କ୍ ବୁଥ୍ କରାଯାଇଥିଲା। ବ୍ଲକରେ ମୋଟ ଭୋଟର ସଂଖ୍ୟା ୧,୩୯,୦୮୧। ସେଥିମଧ୍ୟରୁ ପୁରୁଷ ୭୩୫୫୩ ଓ ମହିଳା ୬୫୫୧୬ ଭୋଟର। ରିପୋର୍ଟ ଲେଖା ଯିବା ସୁଦ୍ଧା ୬୦ ପ୍ରତିଶତ ମତଦାନ ହୋଇଥିବା ଖଲ୍ଲିକୋଟ ଏବିଡିଓ ଗଗନ ବିହାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ଜିଲା ଆରକ୍ଷୀ ଅଧୀକ୍ଷକ ବ୍ରିଜେଶ ରାଏ ବ୍ଲକର ବିଭିନ୍ନ ବୁଥ୍ ପରିଦର୍ଶନ କରିଥିଲେ। ଖଲ୍ଲିକୋଟ ଆଇଆଇସି ସୁନୀଲ କୁମାର ବେହେରା ସଦଳବଳେ ବୁଥ୍ ଗୁଡ଼ିକ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ଖଲ୍ଲିକୋଟ ଟାଉନର ଆଭାସ ବିଦ୍ୟାଳୟରେ ଥିବା ବୁଥ୍‌ରେ ହୁଇଲ୍ ଚେୟାର ସୁବିଧା ନ ଥିବାରୁ କେତେକ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କୁ ହାତଧରି ମତଦାନ କେନ୍ଦ୍ରକୁ ନିଆଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା।



ବିଜେଡି ବିଧାୟିକା ପ୍ରାର୍ଥୀ ସୂର୍ଯ୍ୟମଣି ବୈଦ୍ୟ କେଶପୁର ବୁଥରେ ମତଦାନ କରୁଛନ୍ତି ।

# ଅଧିକାଂଶ ବୁଥରେ ବିଳମ୍ବରେ ମତଦାନ ଆରମ୍ଭ

**ଭଞ୍ଜନଗର,୧୮।୪(ଡି.ଏନ.ଏ)**

ଭଞ୍ଜନଗର ନିର୍ବାଚନମଣ୍ଡଳୀ

■ଇଭିଏମ୍‌ରେ ସିଲ୍ ବିକ୍ରମଙ୍କ ସମେତ ୬ ପ୍ରାର୍ଥୀଙ୍କ ଭାଗ୍ୟ

■ଭୋଟରଙ୍କୁ ଦୁର୍ବ୍ୟବହାର ଅଭିଯୋଗ

୧୨୩ନଂ. ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ଗୁରୁବାର ସକାଳ ୭ଟାରୁ ୨୫୯ ବୁଥ୍‌ରେ ମତଦାନ ଆରମ୍ଭ ହୋଇଥିଲା। ଇଭିଏମ୍‌ରେ ଯାନ୍ତ୍ରିକ ତ୍ରୁଟି ଓ ଅନ୍ୟ କେତେକ କାରଣ ଯୋଗୁ ଅଧିକାଂଶ ବୁଥ୍‌ରେ ମତଦାନ ବିଳମ୍ବରେ ଆରମ୍ଭ ହୋଇଥିଲା। ଭଞ୍ଜନଗର ସହର ୱାର୍ଡ଼ ନଂ ୮, ଅଗଝୋଳ ଆଦି ବୁଥ୍‌ରେ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ୮ଟି ସ୍ଥାନରେ ଭିଭିପିଏଟି ଅଚଳ ଯୋଗୁ ତାହାକୁ ବଦଳାଯିବା ପରେ ମତଦାନ ହୋଇଥିଲା। ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ମତଦାନ ହୋଇଥିଲା। ଅପରାହ୍ନ ୪ଟା ପରେ ବି ଅନେକ ବୁଥ୍‌ରେ ଭୋଟରମାନେ ଧାଡ଼ିରେ ଥିବାରୁ ମତଦାନ ବିଳମ୍ବରେ ସରିଥିଲା। ତେବେ ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ ମଣ୍ଡଳୀରେ ଭୋଟ ସରିଛି। ଭଞ୍ଜନଗର ଉପେନ୍ଦ୍ର ଭଞ୍ଜ ହାଇସ୍କୁଲରେ ହୋଇଥିବା ପିଙ୍କ୍ ବୁଥ୍ ମୁଖ୍ୟ ଆକର୍ଷଣ ରହିଥିଲା। ବିଜେଡ଼ି ବିଧାୟକ ପ୍ରାର୍ଥୀ ବିକ୍ରମ କେଶରୀ ଆରୁଖ ନିଜ ଗ୍ରାମ ଅଗଝୋଳରେ ମତଦାନ କରିଛନ୍ତି। ଭାଜପା ପ୍ରାର୍ଥୀ ପ୍ରଦ୍ୟୁମ୍ନ ନାୟକ ନିଜ ଗ୍ରାମ ତିଳିସିଙ୍ଗି ଓ କଂଗ୍ରେସ ପ୍ରାର୍ଥୀ ସଞ୍ଜୟ ତ୍ରିପାଠୀ ଭଞ୍ଜନଗରରେ ମତଦାନ କରିଛନ୍ତି। ବିକ୍ରମଙ୍କ ସମେତ ସମସ୍ତ ୬ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି। ଭୋଟଦେବା ପାଇଁ ମହିଳାମାନେ ସକାଳୁ ବୁଥ୍‌ଗୁଡ଼ିକରେ ଭିଡ଼ ଜମାଇଥିଲେ। ବଦାଙ୍ଗି ବୁଥ୍‌ରେ ଭୋଟରମାନଙ୍କୁ ଫ୍ଲାଇଂ ସ୍କାର୍ଡ କର୍ମଚାରୀ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ତାରସିଂ ଥାନା ଅଧିକାରୀ ପହଞ୍ଚି ବୁଝାଶୁଝା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ସେହିପରି ବାରୁଡ଼ା ପଞ୍ଚାୟତର କେତେକ ବୁଥ୍‌ରେ ମତଦାନ ସମୟରେ ବାହାରେ ବିଜେଡ଼ି ଓ ଭାଜପା କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ମତଦାନ ପରେ କର୍ମୀ ଓ ନେତାମାନେ କେତେ ଭୋଟ ପାଇବେ ସେ ନେଇ ଅଙ୍କ କଷା ଆରମ୍ଭ କରି ଦେଇଛନ୍ତି।



ବାହାଡ଼ାପଦରରେ ମହିଳା ଭୋଟରଙ୍କ ଲମ୍ବା ଲାଇନ୍ ।

# ଧରାକୋଟ ବ୍ଲକରେ ୬୨% ମତଦାନ

**ଧରାକୋଟ,୧୮।୪(ଡି.ଏନ୍.ଏ.)**

ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀର ଧରାକୋଟ ବ୍ଲକରେ ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ମତଦନା ଶୃଙ୍ଖଳାରସହ ଶେଷ ହୋଇଛି। ଭୋଟରଙ୍କ ପାଇଁ ପ୍ରଶାସନ ପକ୍ଷରୁ ଆନୁଷାଙ୍ଗିକ ସୁବିଧା କରାଯାଇଥିଲା। ବ୍ଲକର ୧୧୦ ବୁଥ୍‌ରେ ମତଦାନ ହୋଇଛି। ଏଥିରୁ ୫ଟି ଆଦର୍ଶ ବୁଥ୍ ରହିଥିବା ବେଳେ ୧୮ଟି ସମ୍ବେଦନଶୀଳ ରହିଥିବା ଯୋଗୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଭୋଟ ଗ୍ରହଣ କେନ୍ଦ୍ରରେ ୭ଜଣ ମାଜିଷ୍ଟ୍ରେଟ ଦାୟିତ୍ୱ ନିର୍ବାହ କରିଥିଲେ ବେଳେ ୧୪ ସେକ୍ଟର ଅଫିସର ଦାୟିତ୍ୱରେ ଥିଲେ। ୩ ରିଜର୍ଭ ଅଫିସର ଷ୍ଟାଣ୍ଡବାଇରେ ଥିଲେ। ଅପରାହ୍ନରେ ୪ଟା ସୁଦ୍ଧା ୬୨% ମତଦାନ ହୋଇଥିଲା। କେତେକ ସ୍ଥାନରେ ଇଭିଏମ୍ ତ୍ରୁଟି ଯୋଗୁ ମତଦନରେ ବିଳମ୍ବ ଘଟିଥିଲା। ପରେ ଇଭିଏମ୍ ବଦଳାଇ ଭୋଟ ଗ୍ରହଣ କାର୍ଯ୍ୟକୁ ଶେଷ କରାଯାଇଥିଲା।

## ଶେରଗଡ ବ୍ଲକରେ ୬୫.୦୮% ମତଦାନ

**ଶେରଗଡ଼,୧୮।୪(ଡି.ଏନ୍.ଏ.)**

ଶେରଗଡ଼ ବ୍ଲକରେ ୬୫.୦୮ ପ୍ରତିଶତ ମତଦାନ ହୋଇଥିବାବେଳେ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ହୋଇଥିବା ଶେରଗଡ ବିଡିଓ ସୁରଞ୍ଜନ କୁମାର ସାହୁ ଓ ତହସିଲଦାର ଡ. ଦୟାସିନ୍ଧୁ ପରିଡା କହିଛନ୍ତି। ଗୋଟିଏ ଦୁଇଟା ବୁଥ ରେ ଭିଭିପିଏଟି ମେଶିନରେ ଯାନ୍ତ୍ରିକ ତ୍ରୁଟି ଦେଖା ଦେଇଥିଲା। ମାତ୍ର ତାକୁ ମରାମତି କରାଯିବା ପରେ ପୁଣି ମତଦାନ ଆରମ୍ଭ ହୋଇଥିଲା। ଶେରଗଡ଼ ବ୍ଲକରେ ମୋଟ ୬୭ହଜାର ୫୭୧ ଜଣ ମତଦାନ କରିଛନ୍ତି। ସେମାନଙ୍କ ମଧ୍ୟରୁ ପୁରୁଷ ଭୋଟର ସଂଖ୍ୟା ୩୪୧୮୪ ହୋଇଥିବାବେଳେ ମହିଳା ଭୋଟରଙ୍କ ସଂଖ୍ୟା ୩୩୩୮୭। ବ୍ଲକର ୧୧୦ ଭୋଟ ଗ୍ରହଣ କେନ୍ଦ୍ର ଜରିଆରେ ପ୍ରତି ବୁଥରେ ଜଣେ ପୋଲିସ କର୍ମୀ, ୬ଜଣ ଲେଖାଏଁ କର୍ମଚାରୀ ଭୋଟ ପରିଚାଳନା କରିଥିଲେ।

## ଭୋଟ ଦେଇ ଫେରିବା ବେଳେ ଜଣଙ୍କ ମୃତ୍ୟୁ

**ଶେରଗଡ,୧୮।୪(ଡି.ଏନ୍.ଏ.)**

ଶେରଗଡ ବ୍ଲକ ବରମୁଣ୍ଡଳୀ ଗ୍ରାମରେ ଭୋଟ ଦେଇ ଫେରିବା ବେଳେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ପଞ୍ଚା ଗୌଡ଼। ପଞ୍ଚା ଦିନ ପ୍ରାୟ ୧୨ଟା ବେଳେ ଭୋଟ ଦେଇ ଘରକୁ ଫେରିଥିଲେ। ଘରେ ପହଞ୍ଚିବା ପରେ ହଠାତ୍ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ବରମୁଣ୍ଡଳୀ ସରପଞ୍ଚ କାଳୁ ଚରଣ ସାହୁ ପହଁଞ୍ଚି ୧୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ।

# ଦାରିଙ୍ଗବାଡ଼ି: ଏକାଧିକ କେନ୍ଦ୍ରରେ ବିଳମ୍ବରେ ମତଦାନ ଆରମ୍ଭ



ବିଜେଡି ବିଧାୟକ ପ୍ରାର୍ଥୀ ସାଲୁଗା ପ୍ରଧାନ



ସ୍ୱାଧୀନ ପ୍ରାର୍ଥୀ ପ୍ରତାପ କୁମାର ପ୍ରଧାନ

**ଦାରିଙ୍ଗବାଡ଼ି,୧୮।୪(ଡି.ଏନ.ଏ.)**

ସାଧାରଣ ନିର୍ବାଚନ ପାଇଁ ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ କରାଯାଇଛି। ଜି.ଉଦୟଗିରି ନିର୍ବାଚନ ମଣ୍ଡଳୀ ଦାରିଙ୍ଗବାଡି ବ୍ଲକର ୨୫ ପଞ୍ଚାୟତର ୧୦୬ ବୁଥ୍‌ରେ ଭୋଟ ଗ୍ରହଣ କରାଯାଇଛି। ତେବେ ଏକାଧିକ ଭୋଟକେନ୍ଦ୍ରରେ ଇଭିଏମ୍‌ରେ ତ୍ରୁଟି ଯୋଗୁ ମତଦାନ ବିଳମ୍ବରେ ଆରମ୍ଭ ହୋଇଥିଲା। ବ୍ଲକର ସିମନବାଡ଼ି ୧୬୮ନଂ. ବୁଥ୍ ସମେତ ଡକରବାଡ଼ି ୧୭୦ନଂ., ଗ୍ରୀନବାଡ଼ି ନଂ.୧୭୯, ଦାସିଂବାଡ଼ି ନଂ.୨୦୪, ଆଦର୍ଶ ବୁଥ ବୁର୍ଜୁବାଡ଼ିର ନଂ.୧୮୯ ଏବଂ ନଂ.୧୯୦, ତାଜୁଙ୍ଗିଆ ପଞ୍ଚାୟତର କଳିଙ୍ଗି ନଂ.୨୩୩, ସିର୍କାବର୍ଗ ନଂ.୨୧୧, ରାପଡ଼ାବାଡ଼ି ନଂ.୧୭୮, ସୋନପୁର ଆଦି ବୁଥ୍‌ରେ ମେଶିନ ବିଭ୍ରାଟ ଯୋଗୁ ସମସ୍ୟା ଦେଖାଯାଇଥିଲା। ଗ୍ରୀନବାଡ଼ିରେ ଅଢ଼େଇ ଘଣ୍ଟା ବିଳମ୍ବରେ ମତଦାନ ଆରମ୍ଭ ହୋଇଥିବା ବେଳେ କଳିଙ୍ଗି ବୁଥ୍‌ରେ ମରାମତି ପରେ ମଧ ବାରମ୍ବାର ପୁଣି ମେଶିନ ବିଭ୍ରାଟ ଦେଖାଯାଇଥିଲା। ଉପସ୍ଥିତ ଇଞ୍ଜିନିୟର ସମସ୍ତ ବୁଥରେ ପହଞ୍ଚି ମରାମତି କରିଥିଲେ। ଶାନ୍ତିଶୃଙ୍ଖଳାରେ ମତଦାନ ହୋଇଥିଲା। ଦାରିଙ୍ଗବାଡି ଏବଂ ବ୍ରାହ୍ମଣୀଗାଁ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବାବେଳେ ମାଓବାଦୀ ପ୍ରବଣ ବୁଥ୍ ଗୁଡ଼ିକରେ ପୋଲିସ ଫୋର୍ସ ରାତିସାରା ଜଗିରହିବା ସହ ବାଇକ୍‌ରେ ପାଟ୍ରୋଲିଂ କରାଯାଇଥିଲା। ମଧ୍ୟାହ୍ନ ସୁଦ୍ଧା ସମସ୍ତ ବୁଥ୍‌ରେ ଶାନ୍ତି ଶୃଙ୍ଖଳାର ସହ ମତଦାନ ଚାଲିଥିବା ଦାରିଙ୍ଗବାଡି ବିଡିଓ ତ୍ରିଲୋଚନ ପାତ୍ର କହିଛନ୍ତି।

ଖବର ଲେଖାହେବା ସୁଦ୍ଧା ୩୦ ପ୍ରତିଶତ ମତଦାନ ହୋଇଥିଲା। ସେହିପରି ଭୋଟର ତାଲିକାରୁ ନାମ ବାଦ୍ ପଡିଯାଇଥିବାରୁ କେତେକ ଭୋଟର ମତଦାନରୁ ବଞ୍ଚିତ ରହିଥିବା ସିମନବାଡି ଗ୍ରାମର ରାଜୁ ପ୍ରଧାନଙ୍କ ସମେତ ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ଅଭିଯୋଗ କରିଛନ୍ତି।

# ପୁରୁଷୋତ୍ତମପୁର ବ୍ଲକ: ଶାନ୍ତି ଶୃଙ୍ଖଳାରେ ମତଦାନ

**ପୁରୁଷୋତ୍ତମପୁର,୧୮।୪(ଡି.ଏନ୍.ଏ.)**

ପୁରୁଷୋତ୍ତମପୁର ବ୍ଲକର ୨୬ ପଞ୍ଚାୟତ ଓ ପୁରୁଷୋତ୍ତମ ଏନ୍ଏସିରେ ଶାନ୍ତିଶୃଙ୍ଖଳାର ସହ ମତଦାନ ହୋଇଛି। ବୃଦ୍ଧ ଓ ଭିନ୍ନକ୍ଷମ ଭୋଟରଙ୍କ ଲାଗି ହ୍ୱିଲ୍ ଚେୟାରର ବ୍ୟବସ୍ଥା କରାଯାଇଛି। ପୁରୁଷୋତ୍ତମପୁର ଏନ୍ଏସିରେ ୩ ମଡେଲ ବୁଥ ଓ ବିଭିନ୍ନ ପଞ୍ଚାୟତରେ ୪ ମଡେଲ ବୁଥ ହୋଇଥିଲା। ଭୋଟରମାନେ ଲମ୍ବା ଧାଡିରେ ଠିଆ ହୋଇ ମତଦାନ କରିଥିଲେ। ପୁରୁଷୋତ୍ତମପୁର ବ୍ଲକର କେତେକ ପଞ୍ଚାୟତ ଖଲ୍ଲିକୋଟ ଓ ଆଉ କେତେକ ପଞ୍ଚାୟତ କବିସୂର୍ଯ୍ୟନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ରହିଛି। ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀରେ ପୁରୁଷୋତ୍ତମପୁର ଏନ୍ଏସି ସମେତ ୧୫ ପଞ୍ଚାୟତ ରହିଛି। ଏଠାରେ ୮୮ଟି ବୁଥ କରାଯାଇଥିବାବେଳେ ୮ଜଣ ସେକ୍ଟର ଅଫିସରଙ୍କୁ ନିୟୋଜିତ କରାଯାଇଥିଲା। କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀରେ ଥିବା ୧୧ ପଞ୍ଚାୟତର ଭୋଟରଙ୍କ ଲାଗି ୫୯ ବୁଥର ବ୍ୟବସ୍ଥା କରାଯାଇଛି। ପରିଚାଳନା ପାଇଁ ୫ ଜଣ ସେକ୍ଟର ଅଫିସରଙ୍କୁ ନିୟୋଜିତ କରାଯାଇଛି। ପୁରୁଷୋତ୍ତମପୁରରେ ୬୦ ପ୍ରତିଶତ ମତଦାନ ହୋଇଥିବା ଜଣାପଡିଛି।



ମତଦାନ ପାଇଁ ଧାଡିରେ ଠିଆ ହୋଇଛନ୍ତି ମହିଳାମାନେ।

# ଆସିକା ବିଧାନସଭା ନିର୍ବାଚନମଣ୍ଡଳୀରେ ମତଦାନ ଶାନ୍ତିପୂର୍ଣ୍ଣ

**ଆସିକା,୧୮।୪ (ଡି.ଏନ୍.ଏ)**

ଆସିକା ବିଧାନସଭା ନିର୍ବାଚନମଣ୍ଡଳୀର ଆସିକା ବ୍ଲକ ଓ ଏନଏସି ଏବଂ କବିସୂର୍ଯ୍ୟନଗର ବ୍ଲକର ୧୨ ପଞ୍ଚାୟତରେ ଥିବା ମୋଟ ୨୦୯ ବୁଥରେ ମତଦାନ ଶାନ୍ତିପୂର୍ଣ୍ଣ ଭାବେ ସରିଛି । ନିର୍ଦ୍ଧାରିତ ସମୟରେ ଭୋଟ ଆରମ୍ଭ ହୋଇଥିଲେ ମଧ ପ୍ରଥମ ଦୁଇ ଘଣ୍ଟାରେ ମତଦାନ ହାର ମାତ୍ର ୯ରୁ ୧୦ ପ୍ରତିଶତ ରହିଥିଲା। ପରେ ମତଦାନ ହାର ବଢ଼ିଥିଲେ ମଧ ଖରା ଯୋଗୁ ପୁଣି କମିଥିଲା । ଅପରାହ୍ନରେ ବିଭିନ୍ନ ବୁଥରେ ମତଦାତାଙ୍କ ଭିଡ ଲକ୍ଷ୍ୟ କରାଯାଇଥିଲା । ନିର୍ଦ୍ଧାରିତ ସମୟ ପରେ ବି ୨/୩ଟି କେନ୍ଦ୍ରରେ ମତଦାତା ଧାଡିରେ ଥିବାରୁ ସେମାନଙ୍କୁ ମତଦାନ ଲାଗି ସୁଯୋଗ ଦିଆଯାଇଥିଲା। ପ୍ରାଥମିକ ସୂଚନା ମୁତାବକ ନିର୍ବାଚନ ମଣ୍ଡଳୀରେ ମତଦାନ ହାର ୬୦ ପ୍ରତିଶତ ରହିଥିବା ଜଣାପଡିଛି । ମତଦାନ ବେଳେ ଇଭିଏମ ତ୍ରୁଟି ଯୋଗୁ କିଛି ସମୟ ପାଇଁ ମତଦାନ ବନ୍ଦ ରହିଥିବା ଲକ୍ଷ୍ୟ କରାଯାଇଥିଲା । ଆସିକା ଏନଏସିର ତୋଟା ସାହି ୧୫୮ ନମ୍ବର ବୁଥ, ଖମ୍ବେଶ୍ୱରୀପାଟଣା ସ୍କୁଲ ୧୫୫ ନମ୍ବର ବୁଥ, ଟାଇଲ ଶିଳ୍ପ ପ୍ରାଥମିକ ବିଦ୍ୟାଳୟ ବୁଥ, ନିରାଳ ୭୧ ନମ୍ବର ବୁଥ, ମଣ୍ଡାପଡା ୨୦୦ ନମ୍ବର ବୁଥ ଓ ମାଗୁରା ପ୍ରାଥମିକ ବିଦ୍ୟାଳୟ ବୁଥରେ ଇଭିଏମ ଓ ଭିଭିପିଏଟିରେ ତ୍ରୁଟି ଯୋଗୁ ସେ ସବୁ ବୁଥଗୁଡିକରେ କିଛି ସମୟ ଲାଗି ମତଦାନ ବ୍ୟାହତ ହୋଇଥିଲା । ପ୍ରଶାସନ ପକ୍ଷରୁ ଆସିକା ବ୍ଲକରେ ୮ଟି ପିଙ୍କ ବୁଥ ଓ ମଡେଲ ବୁଥ ହୋଇଥିଲା । ଆସିକା ଏନଏସି ବାଳିକା ଉଚ୍ଚ ବିଦ୍ୟାଳୟ ପିଙ୍କ ବୁଥରେ ମହିଳା କର୍ମଚାରୀ ଓ ଅଧିକାରୀ ରହିଥିଲେ । ସେହିପରି କାଳକଣ୍ଠପୁର, ବାଲିସିରା, ବେଣାପାଟ, ଭାଲିଆପଲ୍ଲୀ, ମୁନିଗାଡି, ଖାରିଆ ଆଦି ଗ୍ରାମରେ ଭୋଟରଙ୍କୁ ଆକର୍ଷିତ କଲା ଭଳି ବୁଥ ହୋଇଥିବା ସହକାରୀ ନିର୍ବାଚନ ଅଧିକାରୀ ଗାୟତ୍ରୀଦତ୍ତ ନାୟକ ସୂଚନା ଦେଇଛନ୍ତି ।



ମତଦାନ କେନ୍ଦ୍ରରେ ଭାଜପା ବିଧାୟକ ପ୍ରାର୍ଥୀ ଦେବରାଜ ମହାନ୍ତି।



ସିପିଆଇ ଏମ୍ଏଲ୍ ରେଡ୍‌ଷ୍ଟାର ଏମ୍‌ପି ପ୍ରାର୍ଥୀ ଶଙ୍କର ସାହୁ।

## ସଂକ୍ଷେପରେ

### ସଂଗ୍ରାମୀ ମଧୁସୂଦନଙ୍କ ପରଲୋକ



ଧାମନଗର, ୧୮।୪ (ଡି.ଏନ.ଏ.): ଭଦ୍ରକ ଜିଲା ଧାମନଗର ବ୍ଲକ ବାହାରବିଲ ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ମଧୁସୂଦନ ନାୟକ(୯୫)ଙ୍କର ତାଙ୍କ ବାସଭବନରେ ଗୁରୁବାର ଅପରାହ୍ନରେ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟରେ ପୀଡ଼ିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ରାଜନେତା, ଶିକ୍ଷାବିତ୍ ଓ ସ୍ୱାଧୀନତା ସଂଗ୍ରାମୀ ଆସି ଶେଷ ଦର୍ଶନ କରିଥିଲେ। ସେ ଜଣେ ବହୁମୁଖୀ ପ୍ରତିଭା ଥିଲେ। ବାଲ୍ୟାବସ୍ଥାରେ ଧୂଷୁରୀ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ। ଏହାସହିତ ବାହାରବିଲ ବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟ ଥିଲେ। ସେ ଜଣେ ପାଲାପ୍ରେମୀ ଥିଲେ ଏବଂ ବିଭିନ୍ନ ପାଲା ମଣ୍ଡପରେ ଉପସ୍ଥିତ ରହି ବାଦୀପାଲା ପରିବେଷଣରେ ପ୍ରଶ୍ନବାଣରେ ପାଲାଗାୟକଙ୍କୁ ଅଡୁଆରେ ପକାଉଥିବା ନେଇ ଅଞ୍ଚଳରେ ଚର୍ଚ୍ଚିତ ଥିଲେ।

### ସିପିଆଇ, କଂଗ୍ରେସ ସମନ୍ୱୟ ବୈଠକ

ବନ୍ତ, ୧୮।୪ (ଡି.ଏନ.ଏ.): ବନ୍ତ ବ୍ଲକ ଟିଲୋ ପଞ୍ଚାୟତରେ ଗୁରୁବାର ସିପିଆଇ ଓ କଂଗ୍ରେସ ପକ୍ଷରୁ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସିପିଆଇ ଜୋନ୍ ସମ୍ପାଦକ ରମେଶ ଜେନା, କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ବ୍ଲକ ଅଧକ୍ଷ ହରମୋହନ ବେହେରା, ପଞ୍ଚାୟତ ସଭାପତି ପ୍ରଦୀପ ପଡ଼ିଆରୀ, ବସନ୍ତ କର, ଗଦାଧର ସାହୁ, ସୁଧାକର କଅଁର, ନବଘନ ରାଜ, ରମାକାନ୍ତ ପାଣିଗ୍ରାହୀ, ୱାର୍ଡସଭ୍ୟ ସଞ୍ଜୟ ସାମଲ ଓ ଟିଲୋ ସିପିଆଇ ଶାଖା ସମ୍ପାଦକ ଅଭିମନ୍ୟୁ ଜେନା ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ସାଧାରଣ ନିର୍ବାଚନ ପାଇଁ ଉଭୟ ଦଳର ମିଳିତ ସହଯୋଗ ନେଇ ବୈଠକରେ ଆଲୋଚନା କରାଯାଇଥିଲା।

### ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ

ପଦ୍ମପୁର, ୧୮।୪(ଡି.ଏନ.ଏ.): ବାସୁଦେବପୁର ବ୍ଲକ ରାଜଘରପୋଖରୀ କୃଷ୍ଣଚନ୍ଦ୍ର ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ କରାଯାଇଛି। ୪୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ୮ ଦିନ ଧରି ଚାଲିଥିବା ଏହି ଶିବିରରେ ପ୍ରଶିକ୍ଷିକା ସବିତା ଭୂୟାଁ ତାଲିମ ପ୍ରଦାନ କରିଥିଲେ। ଆଞ୍ଚଳିକ ସାଧନକେନ୍ଦ୍ରର ସଂଯୋଜକ ବିଭୂତି ଭୂଷଣ ମିଶ୍ର, ପ୍ରଧାନ ଶିକ୍ଷକ ନୀଳାମ୍ବର ବଳ, ପରିଚାଳନା ସମିତି ସଭାପତି ହେମନ୍ତ କୁମାର ନାୟକ ପ୍ରମୁଖ ସହାୟତା କରିଥିଲେ।

# ଭୂତକୋଠି ପାଲଟିଛି ଜଳସେଚନ ବିଶ୍ରାମାଗାର

ଆରଡ଼ି, ୧୮।୪ (ଡି.ଏନ.ଏ.)



କୁଳେଇପଦା ପଡ଼ିଆରେ ନିର୍ମିତ ଜଳସେଚନ ବିଶ୍ରାମ ଗୃହ।

- ନିର୍ମାଣକୁ ବିତିଲା ୫ ବର୍ଷ, ହେଉନି କାର୍ଯ୍ୟକ୍ଷମ
- ବର୍ଷ ବର୍ଷ ଧରି ଝୁଲୁଛି ତାଲା

ଭଦ୍ରକ ଜିଲା ଆରଡ଼ି ସନ୍ନିକଟ କୁଳେଇପଦା ପଡ଼ିଆରେ ନିର୍ମିତ ଜଳସେଚନ ବିଶ୍ରାମାଗାର ଏବେ ଭୂତକୋଠି ପାଲଟିଛି। ବର୍ଷତମାମ ଗୃହରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। ଏହାକୁ କାର୍ଯ୍ୟକ୍ଷମ କରାଯିବା ଦିଗରେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ବର୍ଷ ବର୍ଷ ଧରି ଭୂତକୋଠି ପାଲଟିଥିବା ଏହି ବିଶ୍ରାମାଗାର କାର୍ଯ୍ୟକ୍ଷମ ନ ହେବା ପାଇଁ କେତେକ ଅସାଧୁ ବ୍ୟକ୍ତି ଉଦ୍ୟମ କରି ସଫଳ ହୋଇଥିବା କୁହାଯାଉଛି। ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯିବାକୁ ସ୍ଥାନୀୟ କୁଳେଇପଦା, ଓଳଗ, ଷାଠିବାଙ୍କୁଡ଼ା, ବୋଡ଼କ, ଦୋହରାପାଟଣା, ପହଣା, ସୁନ୍ଦରପୁର, ନାନ୍ଦପୁର ଓ ଆରଡ଼ି ଆଦି ଗାଁ ଲୋକେ ଦାବି କରିଛନ୍ତି।

ଉଲ୍ଲେଖନୀୟ ଯେ, ୨୦୧୪ରେ ତତ୍କାଳୀନ ଚାନ୍ଦବାଲି ବିଧାୟକ ବିଜୟ ନାୟକ ଏହାର ଶିଳାନ୍ୟାସ କରିଥିଲେ। ବର୍ଷକ ମଧ୍ୟରେ ବ୍ୟୟବରାଦ ଅର୍ଥରାଶିରେ ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ହେଲେ ଏହାମଧ୍ୟରେ ୫ ବର୍ଷ ବିତିଯାଇଥିଲେ ମଧ୍ୟ ବିଶ୍ରାମାଗାର ଉଦ୍‌ଘାଟନ ତ ଦୂରର କଥା ଏଠାକୁ ରାସ୍ତାଟିଏ ମଧ୍ୟ ନିର୍ମାଣ ହୋଇପାରି ନାହିଁ। ଏଠାରେ ବିଶ୍ରାମାଗାର ନିର୍ମାଣ ହେବାର ବିଭିନ୍ନ କାରଣ ଥିଲା। ନିକଟ ଦେଇ ପ୍ରବାହିତ ବୈତରଣୀ ନଦୀରେ ବନ୍ୟା ଆସି ସ୍ଥାନୀୟ ଓଳଗ, ସୁନ୍ଦରପୁର, ଆରଡ଼ି, ନାନ୍ଦପୁର ଆଦି ପଞ୍ଚାୟତରେ ବହୁ କ୍ଷତି ଘଟାଇଥାଏ। ଏଣୁ ଏହାକୁ ଏକ ସେକ୍ସନ ଅଫିସ କରାଯାଇ ଏଠାରେ ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ଅବସ୍ଥାପିତ କରାଯିବାର ପ୍ରସ୍ତାବ ରହିଥିଲା। ଏହାଦ୍ୱାରା ବନ୍ୟା ଓ ଅନ୍ୟ ସମୟରେ କନିଷ୍ଠ ଯନ୍ତ୍ରୀ ସହଜରେ ସମସ୍ୟାର ଆଶୁ ସମାଧାନ ନିମନ୍ତେ ପଦକ୍ଷେପ ନେଇପାରିଥାନ୍ତେ। ଏହି ଉଦ୍ଦେଶ୍ୟରେ ସ୍ଥାନୀୟ ଅଞ୍ଚଳର ଅଧିବାସୀ ଏଠାରେ ଜଳସେଚନ ସେକ୍ସନ ଅଫିସ ନିର୍ମାଣ ପାଇଁ ଦାବି କରି ଆସୁଥିଲେ। ଏଠାରେ ଏହି ଅଫିସ ନିର୍ମାଣ ପାଇଁ ପ୍ରସ୍ତାବ ରଖାଯିବା ବେଳେ ସ୍ଥାନୀୟ ଅଞ୍ଚଳର ଜଣେ ସରପଞ୍ଚ ଏହାକୁ ବିରୋଧ କରିଥିଲେ। କୁଳେଇପଦା ଗ୍ରାମବାସୀଙ୍କ ସହ ଚାନ୍ଦବାଲି ତହସିଲଦାର ଏ ସମ୍ପର୍କରେ କଥା ହୋଇଥିଲେ। ଗ୍ରାମବାସୀ ମଧ୍ୟ ଜମି ଯୋଗାଇ ଦେବାକୁ ରାଜି ହୋଇଥିଲେ ଏବଂ ବିନା ସର୍ତ୍ତରେ ଜମି ଯୋଗାଇ ଦେଇଥିଲେ। ଏ ସମ୍ପର୍କରେ ସ୍ଥାନୀୟ ଅଧିବାସୀ ଦୁଃଶାସନ ଖଟୁଆ କହିଛନ୍ତି, ରାଜନୈତିକ ଚକ୍ରାନ୍ତ ଯୋଗୁ ଏଠାରେ ଜଳସେଚନ ବିଶ୍ରାମଗୃହ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ସେତେବେଳେ ବହୁ ଉଦ୍ୟମ କରି ଏହି ବିଶ୍ରାମାଗାର ନିର୍ମାଣ କରାଯାଇଥିଲା। ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇ ନ ପାରିବା ଦୁଃଖର ବିଷୟ ବୋଲି ପୂର୍ବତନ ଜିଲା ପରିଷଦ ସଭ୍ୟ ଅଜୟ ନାୟକ କହିଛନ୍ତି। ଏ ସମ୍ପର୍କରେ ଜଳସେଚନ ବିଭାଗ ଏସ୍‌ଡିଓ ଭୁବନାନନ୍ଦ ମହାନ୍ତିଙ୍କୁ ପଚାରିବାରୁ କହିଛନ୍ତି ଯେ, ଉକ୍ତ ବିଶ୍ରାମାଗାର କାର୍ଯ୍ୟକ୍ଷମ ଲାଗି ଆବଶ୍ୟକ ଅର୍ଥରାଶି ବ୍ୟୟବରାଦ ହେଉନାହିଁ। ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ କରାଯାଉଛି। ଖୁବ୍‌ଶୀଘ୍ର ଏହାର ସମାଧାନ ହେବ ବୋଲି ଆଶା କରାଯାଉଥିବା ସେ ତାଙ୍କ ପ୍ରତିକ୍ରିୟା ରଖିଛନ୍ତି।



ବୈଠକରେ ସିପିଆଇ କର୍ମକର୍ତ୍ତା।

# ସିପିଆଇ ଜୋନ୍ କମିଟିର ନିର୍ବାଚନ ବୈଠକ

ବନ୍ତ, ୧୮।୪ (ଡି.ଏନ.ଏ.)

ବନ୍ତ ସିପିଆଇ ଜୋନ୍ କମିଟି ପକ୍ଷରୁ ଗୁରୁବାର ବନ୍ତ ଥାନା ଛକସ୍ଥିତ ସିପିଆଇ କାର୍ଯ୍ୟାଳୟଠାରେ ନିର୍ବାଚନ ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାଥୀ ଗୋପବନ୍ଧୁ ସେଠୀ ଏଥିରେ ସଭାପତିତ୍ୱ କରିଥିଲେ। ଜିଲା ସମ୍ପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ଜୋନ୍ ସମ୍ପାଦକ ରମେଶ ଜେନା, ସହସମ୍ପାଦକ ପରମେଶ୍ୱର ବାରିକ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଫକୀର ଚରଣ ବିଶ୍ୱାଳ, ସମିତିସଭ୍ୟ ରତିକାନ୍ତ ଜେନା, ରବୀନ୍ଦ୍ର ସେଠୀ, ଅଭିମନ୍ୟୁ ଜେନା, କିଶୋର ବେହେରା, ଆନନ୍ଦ ଜେନା, ଭରତ ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ସାଧାରଣ ନିର୍ବାଚନରେ ଲୋକ ସଭା ଓ ବିଧାନସଭା ଆସନର କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବା ନେଇ ଆଲୋଚନା ହୋଇଥିଲା। ଏଥିସହ ବୁଥ୍‌ସ୍ତରୀୟ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଶୁକ୍ରବାର ବନ୍ତ ବ୍ଲକରେ ପିସିସି ସଭାପତି ତଥା ଭଣ୍ଡାରିପୋଖରୀର ବିଧାୟକ ପ୍ରାର୍ଥୀ ନିରଞ୍ଜନ ପଟ୍ଟନାୟକଙ୍କ ନିର୍ବାଚନୀ ସଭାକୁ ସଫଳ କରାଇବା ନେଇ ଆଲୋଚନା ହୋଇଥିଲା।

# ରାତି ୧୦ ସୁଦ୍ଧା ଦୋକାନ ବଜାର ବନ୍ଦ

ବାସୁଦେବପୁର, ୧୮।୪ (ଡି.ଏନ.ଏ.)

**ପାଟ୍ରୋଲିଂ କଡ଼ାକଡ଼ି**

ଭଦ୍ରକ ଜିଲା ବାସୁଦେବପୁର ନିର୍ବାଚନ ମଣ୍ଡଳୀ ଏକ ସମ୍ବେଦନଶୀଳ ଅଞ୍ଚଳ ହୋଇଥିବାରୁ ନିର୍ବାଚନକୁ ଅବାଧ ଓ ମୁକ୍ତ କରିବା ଲକ୍ଷ୍ୟରେ ବାସୁଦେବପୁର ଥାନା ପୋଲିସ ଏବେଠାରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛି। ପୋଲିସ ରାତ୍ରିକାଳୀନ ପାଟ୍ରୋଲିଂକୁ କଡ଼ାକଡ଼ି କରିବା ସହିତ ବାସୁଦେବପୁର-ଧାମରା, ବାସୁଦେବପୁର-ଇଚ୍ଛାପୁର, ବାସୁଦେବପୁର-ଜାମୁଝାଡ଼ି, ବାସୁଦେବପୁର-ବାଲିଛନ୍ଦା ଘାଟ ରାସ୍ତାରେ ପାଟ୍ରୋଲିଂକୁ ଅଧିକ କ୍ରିୟାଶୀଳ କରିଛି। ବିଶେଷକରି ରାତି ୧୦ଟା ପରେ ଯାତାୟାତ କରୁଥିବା ବାଇକ୍, ଗାଡ଼ି ଉପରେ ଅଧିକ ନଜର ରଖାଯାଉଛି। ଏହାବ୍ୟତୀତ ମଦ୍ୟପ ଓ ନିଶାସକ୍ତ, ରାଜନୈତିକ ଉତ୍ତେଜନା ସୃଷ୍ଟି ଲାଗି ଉଦ୍ୟମ କରୁଥିବା ବ୍ୟକ୍ତିଙ୍କ ଉପରେ ମଧ୍ୟ ପୋଲିସ କଡ଼ା ନଜର ରଖିଛି। ସେହିପରି ଚୂଡ଼ାମଣି ହାଟ, ଘାଟ ଅଞ୍ଚଳରେ ମଧ୍ୟ ଚୂଡ଼ାମଣି ସାମୁଦ୍ରିକ ଥାନା ପୋଲିସ ଓ କଷିଆ ଥାନା ଅଞ୍ଚଳରେ ଥିବା ବିଭିନ୍ନ ଛକ ଓ ଛୋଟ ବଜାରରେ ପୋଲିସ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଉଛି। ବାସୁଦେବପୁର ସହର ସମେତ ବେତଡା ବଜାର, ସୁଆଁହାଟ, ଇରମ ବଜାର, ପଡୁଁଆ ହାଟ, ନରସିଂହପୁର, ପଦ୍ମପୁର ବଜାର ସହ ଆଖପାଖ ବଜାରର ଦୋକାନୀମାନେ ରାତି ୧୦ଟା ସୁଦ୍ଧା (ଔଷଧ ଦୋକାନକୁ ଛାଡ଼ି) ଦୋକାନ ବନ୍ଦ କରିବାକୁ ପୋଲିସ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଘୋଷଣା କରାଯାଇଛି।

ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଆଉ ୧୦ ଦିନ ଥିବାବେଳେ ନିର୍ବାଚନରେ ବାଜି ଲାଗୁଥିବା କଳାଟଙ୍କାକୁ ରୋକିବା ପାଇଁ ନିର୍ବାଚନ କମିଶନ ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାଡ ଓ ପୋଲିସ ସହଯୋଗରେ ବାସୁଦେବପୁରକୁ ସଂଯୋଗ କରୁଥିବା ୩ ପ୍ରମୁଖ ରାସ୍ତାରେ ଯାତାୟାତ କରୁଥିବା ଗାଡ଼ିଗୁଡ଼ିକୁ ଯାଞ୍ଚ କରାଯାଉଛି। ଏ ସମ୍ପର୍କରେ ବାସୁଦେବପୁର ଥାନା ଆଇଆଇସି ଉମାଶଙ୍କର ନାୟକଙ୍କୁ ପଚାରିବାରୁ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଥିବା ବେଳେ ଅବାଧ ଓ ମୁକ୍ତ ନିର୍ବାଚନ ସକାଶେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି କହିଥିଲେ। ଏଥିପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

# ମଦ ସହ ୨ ବାଇକ୍ ଜବତ: ୪ ଗିରଫ

ଭଦ୍ରକ ଅଫିସ, ୧୮।୪

ଭଦ୍ରକ ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଛତାବର, ଧାମନଗର, ଦୋବଲ, ଚରମ୍ପା ଓ ସାହାଡା ବଜାର ଅଞ୍ଚଳରେ ଜିଲା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଚଢ଼ାଉ ବେଳେ ଅବକାରୀ ଟିମ୍ ୩୦ ଲିଟର ବିଦେଶୀ ମଦ, ୨୦ ଲିଟର ଆସ୍କାଫଟି, ୪୦ ଲିଟର ଦେଶୀ ମଦ ସହ ୨ଟି ବାଇକ୍ ଜବତ କରିଛି। ଏହି ଘଟଣାରେ ୪ ମଦ ବେପାରୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଭଣ୍ଡାରିପୋଖରୀ ବିରୁଳି ଛକ ଗ୍ରାମର ଲିପୁନ ଖୁଣ୍ଟିଆ, ଡାହାଣୀଗଡିଆର ଜୟନ୍ତ ମହାନ୍ତି ଓ ହେମନ୍ତ ମହାନ୍ତି, ସାହାଡା ଗ୍ରାମର କରୁଣାକର ବେହେରା। ସେମାନଙ୍କ ନାମରେ ୩ ଟି ପୃଥକ୍ ପୃଥକ୍ ମାମଲା ରୁଜୁ କରାଯାଇଛି। ଜିଲା ମୋବାଇଲ ସ୍କ୍ୱାଡର ନିରୀକ୍ଷକ ଦିଲୀପ ପଲେଇ, ସଦର ନିରୀକ୍ଷକ ଧନେଶ୍ୱର ବରାଡ, ଅବକାରୀ ଉପନିରୀକ୍ଷକ ଜ୍ୟୋତିର୍ମୟୀ ପଟେଲ ଓ ସ୍ପନ୍ଦନ ମହାନ୍ତି ଚଢ଼ାଉରେ ସାମିଲ ଥିଲେ। ନିର୍ବାଚନକୁ ଦୃଷ୍ଟିରେ ରଖି ଏଭଳି ଚଢ଼ାଉ ଜାରି ରହିବ ବୋଲି ଜିଲା ଅବକାରୀ ଅଧୀକ୍ଷକ ରାହାସ ବିହାରୀ ପାତ୍ର କହିଛନ୍ତି।




ବାସୁଦେବପୁର ବ୍ଲକ ରାଜଘରପୋଖରୀ କୃଷ୍ଣଚନ୍ଦ୍ର ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରୁଛନ୍ତି।

# 'ଓଡ଼ିଶାକୁ ବିକାଶଶୀଳ ରାଜ୍ୟ କରିଛି ବିଜେଡି'




ବିଜେଡି କର୍ମୀ ସମ୍ମିଳନୀରେ ଧାମନଗର ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଦାସ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ତିହିଡ଼ି, ୧୮।୪ (ଡି.ଏନ.ଏ.)

ଲୋକେ ଅଭାବ ଅନଟନରେ ରହୁଥିଲେ। ବିଜେଡି ଶାସନକୁ ଆସିବା ପରେ ଲୋକଙ୍କ ଆର୍ଥିକ ଅବସ୍ଥାରେ ଉନ୍ନତି ଘଟିଲା। ଏପରି କି ଓଡ଼ିଶାକୁ ବିକାଶଶୀଳ ରାଜ୍ୟ କରିବାରେ ବିଜେଡି ସକ୍ଷମ ହୋଇଛି ବୋଲି ଗୁରୁବାର ତିହିଡ଼ି ବ୍ଲକ ବିଲଣାଠାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଦଳୀୟ ନେତାମାନେ କହିଥିଲେ। ଧାମନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତିହିଡ଼ି ବ୍ଲକର ଏହି ପଞ୍ଚାୟତର ବାସନ୍ତୀପଡ଼ିଆରେ ଆୟୋଜିତ ବିଜେଡି କର୍ମୀ ସମ୍ମିଳନୀରେ ସରପଞ୍ଚ ଭାଗୀରଥି ମଲିକ ପୌରୋହିତ୍ୟ କରିଥିଲେ। ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଧାମନଗର ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର କୁମାର ଦାସ ଯୋଗଦେଇ ତିହିଡ଼ି ଅଞ୍ଚଳକୁ ଅଧିକ ବିକାଶଶୀଳ କରିବା ସକାଶେ ବିଜେଡି ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ପୂର୍ବତନ ବିଧାୟକ ବିଜୟ ନାୟକ, ରାଜ୍ୟ ସମ୍ପାଦକ ଅଜୟ ନାୟକ, ଜିଲା ପରିଷଦ ସଭ୍ୟ କମଳାକାନ୍ତ ଦାସ ଓ ଚିନ୍ତାମଣି ଦାସ, ସରପଞ୍ଚ ପ୍ରଦୀପ କୁମାର ପଣ୍ଡା, ବ୍ଲକ ଉପାଧ୍ୟକ୍ଷ ମାନସ ପାଠୀ, ସରପଞ୍ଚ ଶଶଧର ସାମଲ, ପୂର୍ବତନ ସରପଞ୍ଚ ହରେକୃଷ୍ଣ ଜେନା, ସମିତିସଭ୍ୟାଙ୍କ ପ୍ରତିନିଧି ଶରତ ମଲିକ ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଥିସହ ବିଜେଡି ପ୍ରାର୍ଥୀଙ୍କୁ ଭୋଟ ଦେବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ନେତା ଲକ୍ଷ୍ମୀକାନ୍ତ ନାୟକ, ଯୁବନେତା ଶିଶିର କୁମାର ପଣ୍ଡା, ବିଶ୍ୱରଞ୍ଜନ ନାୟକ, ରାକେଶ ନାୟକ, ରତିକାନ୍ତ ବିଶ୍ୱାଳ, ନିରାକାର ବେହେରା, ଗୋବର୍ଦ୍ଧନ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୋଲିଂ କର୍ମଚାରୀଙ୍କୁ ପ୍ରଶିକ୍ଷଣ

ଭଣ୍ଡାରିପୋଖରୀ, ୧୮।୪(ଡି.ଏନ.ଏ.)

ନିର୍ବାଚନ ପରିଚାଳନା ପାଇଁ ଭଣ୍ଡାରିପୋଖରୀ ମହାବିଦ୍ୟାଳୟଠାରେ ପୋଲିଂ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଗତ ବୁଧବାରଠାରୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଆସନ୍ତା ୨୯ ତାରିଖରେ ହେବାକୁ ଥିବା ନିର୍ବାଚନ ପାଇଁ ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ ପରିଚାଳନା, ବାଲଟ ପେପର, ଭିଭିପିଏଟି ମେଶିନ, ପୋଷ୍ଟାଲ ବାଲଟ ଓ ଗୁପ୍ତ ଭୋଟ ଆଦି ବିଷୟରେ କର୍ମଚାରୀଙ୍କୁ ତାଲିମ ଦିଆଯାଇଥିଲା। କଲେଜର ୭ଟି କକ୍ଷରେ ପ୍ରତ୍ୟେକ ଦିନ ୩୫୦ କର୍ମଚାରୀଙ୍କୁ ଏହି ତାଲିମ ପ୍ରଦାନ କରାଯାଉଛି। ଭଣ୍ଡାରିପୋଖରୀ ବିଡିଓ ବନମାଳୀ ତରାଇଙ୍କ ତତ୍ତ୍ୱାବଧାନରେ ବନ୍ତ ବିଡିଓ ରେବିକା ବିଲୁଙ୍ଗ, ବନ୍ତ ତହସିଲଦାର ମନୋରମା ଜାଲି, ବିଡିଓ ତରାଇ, ବ୍ଲକ ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ଓ ସିଆର୍‌ସିସିମାନେ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି।

# ଭାଜପାରେ ଅନ୍ୟ ଦଳର ନେତା, କର୍ମୀ ସାମିଲ

ଧାମନଗର, ୧୮।୪ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଉଛି। ଚଳିତବର୍ଷ ନିର୍ବାଚନରେ ମାଇକ୍ ପ୍ରଚାରର କମ୍ ଗୁରୁତ୍ୱ ଦେଖିବାକୁ ମିଳୁଥିବା ବେଳେ ରାଜନେତାମାନେ ଗାଁ ଗାଁ ବୁଲି ନିଜର ସମର୍ଥକ ବୃଦ୍ଧି କରିବାରେ ଲାଗିଛନ୍ତି। ଏଥର ବିଜେଡି ଓ କଂଗ୍ରେସର ଅସନ୍ତୁଷ୍ଟ କର୍ମୀମାନେ ଭାଜପାରେ ସାମିଲ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ପୂର୍ବାହ୍ନରେ ଧୂଷୁରୀ ନିକଟସ୍ଥ ହରିହଂସଠାରେ ଭାଜପା ପକ୍ଷରୁ ଜିଲା ସମ୍ପାଦକ ଅଶୋକ କୁମାର ପୁହାଣଙ୍କ ଅଧ୍ୟକ୍ଷତାରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଭାଜପା ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ ଉପସଭାପତି ବିଷ୍ଣୁ ସେଠୀ ଯୋଗଦେଇ କହିଥିଲେ, ସେ ଦୁଇଥର ପରାଜୟ ବରଣ କରି ମଧ୍ୟ ଥକିଯାଇ ନାହାନ୍ତି। ସେ ଭଲମନ୍ଦରେ ସବୁବେଳେ ଧାମନଗରବାସୀଙ୍କ ସହିତ ରହି ସେବା କରିବାର ସୌଭାଗ୍ୟ ପାଇଛନ୍ତି। ଧାମନଗରବାସୀ ଚଳିତ ନିର୍ବାଚନରେ ତାଙ୍କୁ ଜିତାଇବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

ଏହାପରେ ସେଠାରେ ଦଳ ପକ୍ଷରୁ ବିଶାଳ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଥିଲା। ଏହି ମିଶ୍ରଣପର୍ବରେ ଅନ୍ୟ ଦଳର ନେତା ଓ କର୍ମୀ ଭାଜପାରେ ଯୋଗ ଦେଇଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ତରଫରୁ ସରପଞ୍ଚ ପ୍ରାର୍ଥୀ ଭାବେ ହାରିଥିବା ଅର୍ଜୁନପୁର ପଞ୍ଚାୟତର ଯୁବନେତା ରୁଦ୍ରକିଶୋର ନାୟକ ତାଙ୍କ ଶତାଧିକ ସମର୍ଥକଙ୍କ ସହ ଭାଜପାରେ ସାମିଲ ହୋଇଥିଲେ। ବିଜେଡି ତାଙ୍କ କ୍ୟାରିୟରକୁ ନଷ୍ଟ କରିଥିବା ସେ ଅଭିଯୋଗ କରିଥିଲେ। ଅର୍ଜୁନପୁର ପଞ୍ଚାୟତର ବିଜେଡିର ବରିଷ୍ଠ ନେତା ଶ୍ୟାମସୁନ୍ଦର ନାୟକ, ସୁଶାନ୍ତ ବେହେରା, ସୁଶାନ୍ତ ପାତ୍ର, ନରେନ୍ଦ୍ର ବିଶ୍ୱାଳଙ୍କ ସମେତ ପ୍ରାୟ ୫୦ ବିଜେଡି ଓ କଂଗ୍ରେସ ସମର୍ଥକ ଭାଜପାରେ ସାମିଲ ହୋଇଛନ୍ତି। ସେହିପରି ଶ୍ୟାମସୁନ୍ଦରପୁର ଏବଂ ଈଶ୍ୱରପୁର ପଞ୍ଚାୟତର ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ଭାଜପାରେ ମିଶିଛନ୍ତି। ଭାଜପା ବିଧାୟକ ପ୍ରାର୍ଥୀ ବିଷ୍ଣୁ ନୂତନ ସଦସ୍ୟଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ବରିଷ୍ଠ ନେତା ଭାବେ ଅଧର ପରିଡା, ଗୋପୀନାଥ ବିଶ୍ୱାଳ, ଜିଲାପରିଷଦ ସଭ୍ୟା ରଞ୍ଜିତା ସ୍ୱାଇଁ, ଅମର ମଲ୍ଲିକ, ରଘୁନାଥ ପାତ୍ର, ଚତୁର୍ଭୁଜ ନାୟକ, ମନୋଜ ମଲ୍ଲିକ, ଅନିରୁଦ୍ଧ ସାହୁ, ବୈକୁଣ୍ଠନାଥ ସାହୁ, ରାମଚନ୍ଦ୍ର ବେହେରା ଓ ସଦାଶିବ ପୋଥାଳ ପ୍ରମୁଖ ଉପସ୍ଥିତ ରହି ରଣନୀତି ପ୍ରସ୍ତୁତ କରିଥିଲେ।



ଧୂଷୁରୀଠାରେ ମିଶ୍ରଣ ପର୍ବରେ ଭାଜପା ନେତା ଓ ନୂତନ ସଦସ୍ୟ।

## ଭଦ୍ରକରେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର

# ନିର୍ବାଚନ ପ୍ରସ୍ତୁତି ତଦାରଖ କଲେ

ଭଦ୍ରକ ଅଫିସ, ୧୮।୪

କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଅନିଲ କୁମାର ସାମଲ ଗୁରୁବାର ଦିନିକିଆ ଭଦ୍ରକ ଗସ୍ତରେ ଆସି ନିର୍ବାଚନ ପ୍ରସ୍ତୁତି ନେଇ ସମୀକ୍ଷା କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲା ନିର୍ବାଚନ ଅଧିକାରୀ ଜ୍ଞାନରଞ୍ଜନ ଦାସ, ନିର୍ବାଚନ ନୋଡାଲ ଅଫିସର ତଥା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ମିଶ୍ର, ରିଟର୍ଣ୍ଣିଂ ଅଫିସର ତଥା ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଉପଜିଲାପାଳ ପୀତାମ୍ବର ସାମଲ, ଅତିରିକ୍ତ ଉପଜିଲାପାଳ ହେମନ୍ତ କୁମାର ବିହାରୀ, ଡେପୁଟି କଲେକ୍ଟର ଜୟଶ୍ରୀ ସେନାପତିଙ୍କ ସହ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ସାମଲ ନିର୍ବାଚନ ପରିଚାଳନା ପାଇଁ ବିଭିନ୍ନ ପ୍ରସ୍ତୁତିର ତଦାରଖ କରିବା ସହ ଜିଲାର ଦିବ୍ୟାଙ୍ଗ ଭୋଟରଙ୍କ ମତଦାନ ଲାଗି ସୁବିଧା ଯୋଗାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରତି ନିର୍ବାଚନରେ ଦିବ୍ୟାଙ୍ଗମାନେ ଭୋଟଦାନରୁ ବିରତ ରହିଛନ୍ତି। ଚଳିତ ନିର୍ବାଚନରେ ଯେପରି ସେଭଳି ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ସେ ପରାମର୍ଶ ଦେଇଛନ୍ତି। ବୁଥ୍‌ୱାରୀ ଦିବ୍ୟାଙ୍ଗ ଭୋଟର ତାଲିକା ପ୍ରସ୍ତୁତ କରି ପ୍ରିଜାଇଡିଂ ଅଫିସରଙ୍କୁ ଦେବାକୁ ସେ ଜିଲା ନିର୍ବାଚନ ଅଧିକାରୀଙ୍କୁ କହିଥିଲେ। ଦିବ୍ୟାଙ୍ଗ ଭୋଟରଙ୍କୁ ସେମାନଙ୍କ ଘରୁ ସହାୟତା ଗାଡ଼ିରେ ଆଣି ଭୋଟଦାନ କେନ୍ଦ୍ରର ୧୦୦ ମିଟର ଦୂରରେ ରଖାଯିବ। ସେଠାରୁ ହୁଇଲଚେୟାର ଯୋଗେ ବୁଥ୍‌କୁ ଆଣି ଭୋଟ ଦେବା ପରେ ପୁଣି ସେମାନଙ୍କୁ ସସମ୍ମାନେ ଗାଡ଼ିରେ ନେଇ ଘରେ ଛାଡ଼ିବାରେ ଯେପରି କୌଣସି ତ୍ରୁଟି ନ ହୁଏ ସେ ଦିଗରେ ପଦକ୍ଷେପ ନେବାକୁ ସେ ଜିଲା ନିର୍ବାଚନ ଅଧିକାରୀଙ୍କୁ କହିଥିଲେ। ର୍ୟାମ୍ପ ଓ ହୁଇଲଚେୟାର ଯିବାଆସିବା କରିବା ନିମନ୍ତେ ରାସ୍ତାଘାଟକୁ ସୁଗମ କରିବାକୁ କହିଥିଲେ। ଜିଲା ନିର୍ବାଚନ ଅଧିକାରୀ ଦାସ ଦିବ୍ୟାଙ୍ଗ ଭୋଟର ଥିବା ବୁଥ୍‌ରେ ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଏସବୁର ବନ୍ଦୋବସ୍ତ କରାଯାଇଥିବା ସୂଚନା ଦେଇଥିଲେ। ଜିଲାରେ ମୋଟ ୪୩ ହଜାର ୭୧୨ ଦିବ୍ୟାଙ୍ଗ ଭୋଟର ଚିହ୍ନଟ ହୋଇଥିବା କୁହାଯାଇଛି। ପରେ କମିଶନର ସାମଲ କେତେକ ବୁଥ୍ ପରିଦର୍ଶନ କରି ଯାଜପୁର ଜିଲାକୁ ଗସ୍ତ କରିଥିଲେ।



ଦିବ୍ୟାଙ୍ଗଙ୍କ ପାଇଁ ହୋଇଥିବା ବ୍ୟବସ୍ଥାର ଯାଞ୍ଚ କରୁଛନ୍ତି କମିଶନର ଅନିଲ ସାମଲ।

